ଧରିତ୍ରୀ
DHARITRI
February 14-20, 2021 ₹ 2/-



# ଯଦି ଥାଏ ପ୍ରେମ

୩
ପ୍ରଚ୍ଛଦ ପ୍ରସଙ୍ଗ

## ଛୁଟିଦିନ

ପ୍ରେମ ଶାଶ୍ୱତ, ସୁନ୍ଦର ଓ ପବିତ୍ର। ଏଥିରେ ଥାଏ ପରସ୍ପର ପ୍ରତି କେବଳ ନିଚ୍ଛକ ଭଲପାଇବା। ଆଉ ଏହି ଭଲପାଇବା ଦେଖେନାହିଁ ଜାତି, ଧର୍ମ କି ସୁନ୍ଦର ରୂପ ରଙ୍ଗ। କେବଳ ନିର୍ମଳ ମନଟିଏ ଆବଶ୍ୟକ ହୁଏ ଜଣେ ଜଣଙ୍କୁ ଆପଣାର କରିବାକୁ...





୧୩
ସହରଠୁ ଦୂର



ସିନେମା
୮/୯



# ବାସ୍ତୁ ଅନୁସାରେ ଶୋଇବାଘର

**ବିଶ୍ୱ ସମ୍ବନ୍ଧୀୟ ବିଜ୍ଞାନ ହେଉଛି ବାସ୍ତୁଶାସ୍ତ୍ର; ଯାହା ସୁସ୍ପଷ୍ଟ ପରିବେଶ ତିଆରି ସହିତ ଜୀବନରେ ସୁଖ, ସମୃଦ୍ଧି, ଧନ ବିଭବ ବୃଦ୍ଧି ଆଦିରେ ସାହାଯ୍ୟ କରେ। ଜାଣନ୍ତୁ ବାସ୍ତୁଶାସ୍ତ୍ରରେ କ'ଣ ରହିଛି ଶୋଇବା ଘରର ନିୟମ-**



- ବାସ୍ତୁ ଅନୁଯାୟୀ ଶୋଇବା ଘର ସର୍ବଦା ଦକ୍ଷିଣ-ପଶ୍ଚିମ ଦିଗରେ ରହିବା ଉଚିତ। ଏହାଦ୍ୱାରା ଘରର ମୁରବିଙ୍କ ସ୍ୱାସ୍ଥ୍ୟ ଓ ସମ୍ପତ୍ତି ବୃଦ୍ଧି ହେବା ସହ ସେ ଦୀର୍ଘାୟୁ ହୋଇଥାନ୍ତି। ଶୋଇବା ଘରକୁ କେବେବି ଉତ୍ତର-ପୂର୍ବ ଏବଂ ଦକ୍ଷିଣ-ପୂର୍ବ ଦିଗରେ କରନ୍ତୁ ନାହିଁ। କାରଣ ଦକ୍ଷିଣ-ପୂର୍ବ ଦିଗରେ ଶୋଇବାଘର ରହିଲେ; ସର୍ବଦା ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳହ ଲାଗିରହିବ ଏବଂ ଉତ୍ତର-ପୂର୍ବ ଦିଗରେ ରହିଲେ ସର୍ବଦା ସ୍ୱାସ୍ଥ୍ୟ ଅସୁବିଧା ଲାଗିରହିବ।
- ପିଲାଙ୍କ ଶୋଇବା ଘର ଉତ୍ତର ଦିଗରେ ରହିଲେ ବହୁତ ଭଲ, ବିଶେଷ କରି ଯେଉଁ ପିଲାମାନେ ଚାକିରି ବା ବ୍ୟବସାୟ ପାଇଁ ପ୍ରସ୍ତୁତ ହେଉଛନ୍ତି ସେମାନଙ୍କ ପାଇଁ ଭଲ। ଏହାଛଡା ପୂର୍ବ ଦିଗରେ ରହିଲେ ମଧ୍ୟ ପିଲା ଖୁବ୍ ଚତୁର, ଧୀସମ୍ପନ୍ନ ଏବଂ ବୁଦ୍ଧିମାନ ହୋଇଥାନ୍ତି।
- ସ୍ୱାମୀ ସ୍ତ୍ରୀ ସର୍ବଦା ମୁଖ୍ୟ ଶୋଇବା ଘରେ ରହିବା ଉଚିତ।
- ବାସ୍ତୁଶାସ୍ତ୍ର ଅନୁସାରେ ସବୁବେଳେ ପୂର୍ବ ବା ଦକ୍ଷିଣ ଦିଗକୁ ମୁଣ୍ଡ କରି ଶୋଇବା ଉଚିତ।
- ଶୋଇବା ଘରେ ଡ୍ରେସିଂ ଟେବୁଲ ଥିଲେ ସର୍ବଦା ଧ୍ୟାନ ଦେବେ ଯେମିତି ତାକୁ ଖଟ ସାମ୍ନାରେ ରଖିବେ ନାହିଁ, ଅର୍ଥାତ୍ ଖଟର ପ୍ରତିବିମ୍ବ ଯେମିତି ଦର୍ପଣରେ ପଡୁ ନ ଥିବ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃଆରୀ ୧୪-୨୦, ୨୦୨୧

**ମେଷ:** ମାନସିକସ୍ଥିତି ଭଲ ରହିବ, ପାରିବାରିକ ସୌହାର୍ଦ୍ଦ୍ୟ ପାଇବେ, ସ୍ଥିର ସିଦ୍ଧାନ୍ତ ନେବେ, ମିତ୍ରତା ସୃଷ୍ଟି କରିପାରନ୍ତି, ପ୍ରଶାସନିକ ସଫଳତା, ଯାତ୍ରାରୁ ସୁଫଳ ମିଳିବ, ଲକ୍ଷ୍ୟ ହାସଲ କରିବେ, ଶତ୍ରୁ ପାଖେଇ ଆସିପାରନ୍ତି।

**ବୃଷ:** ବିଭିନ୍ନ ସମସ୍ୟା ଆସିବ, ଦୁଶ୍ଚିନ୍ତାରୁ ରକ୍ତଚାପ ବୃଦ୍ଧି, ତରବରିଆ ପଦକ୍ଷେପ ନିଅନ୍ତୁନି, ଶାରୀରିକ ପୀଡ଼ା ଭୋଗିବେ, ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି, ବସ୍ତ୍ରଭୂଷଣ ପାଇବେ, ତୀର୍ଥାଟନ କରିପାରନ୍ତି।

**ମିଥୁନ:** ଅବହେଳାରୁ କାର୍ଯ୍ୟହାନି, ପଦସ୍ଥ ବ୍ୟକ୍ତିଙ୍କ ତାଗିଦା, ବନ୍ଧୁବର୍ଗଙ୍କ କଟୁକ୍ତି, ମନ ଭଲ ରହିବନି, କାଶ କଫ ଜନିତ ପୀଡା, ପାରିବାରିକ ବିଶୃଙ୍ଖଳା, ସ୍ଥିରତା ଫେରିଆସିବ, ଦୂରଯାତ୍ରା କରିପାରନ୍ତି, ନିଜ ଭୁଲ୍ ବୁଝିବେ।

**କର୍କଟ:** ଅନ୍ୟମନସ୍କତାରୁ ବନ୍ଧୁଙ୍କ ଭର୍ତ୍ସନା, ଅସାବଧାନତାରୁ ଦ୍ରବ୍ୟ ନଷ୍ଟ, ଭାବପ୍ରବଣତାରୁ ମନଦୁଃଖ, ନିଜ ପରିସରରେ ପ୍ରତିଷ୍ଠିତ ହେବେ, ନୂତନ କାର୍ଯ୍ୟାରମ୍ଭ କରିବେ, ବ୍ୟବସାୟିକ ସଫଳତା ପ୍ରାପ୍ତି।

**ସିଂହ:** ଜୟଯୁକ୍ତ ହେବେ, ପ୍ରତିବନ୍ଧକ ରହିବନି, ମିତ୍ରଙ୍କ ସହଯୋଗ ମିଳିବ, ବାଣିଜ୍ୟ ମାନ୍ଦା ହେବ, ଉଚ୍ଚ ପ୍ରଶଂସିତ ହେବେ, ସ୍ଥିରତା ଅବ୍ୟାହତ ରହିବ, କାର୍ଯ୍ୟ ତ୍ୱରାନ୍ୱିତ ହେବ, ସମ୍ପର୍କୀୟଙ୍କ ପାଇଁ ଦୁଶ୍ଚିନ୍ତା ବଢ଼ିବ। ସ୍ୱାସ୍ଥ୍ୟସମସ୍ୟା ଦେଖାଦେବ

**କନ୍ୟା:** ବିବାଦରେ ପରାଜୟ, ହଜରାଣରେ ପଡିପାରନ୍ତି, ଅଶାନ୍ତି ଲାଗିରହିବ, ଭ୍ରାତୃ ସମ୍ପର୍କ ବୃଦ୍ଧି, ଅର୍ଥ ଆଦାୟରେ ସକ୍ଷମ, ଯାତ୍ରାରେ ସଫଳତା, ବିଳମ୍ବରେ ଅଭୀଷ୍ଟ ସିଦ୍ଧି, ପାରିବାରିକ ଶାନ୍ତି।

**ତୁଳା:** ମିତ୍ରତା ବନ୍ଧନରେ ଆବଦ୍ଧ, ଚାକିରିରେ ସମ୍ମାନ ଲାଭ, କାମଟିକୁ ଶେଷ କରିପାରିବେନି, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ରିସ୍କପଦକ୍ଷେପ ନେବେ, ଅବହେଳାରୁ ସମାଲୋଚନା, ମାମଲା ଶୁଣାଣିରେ ବିଳମ୍ବ, ଆବଦ୍ଧଯୋଗରୁ ମୁକ୍ତ ହେବେ।

**ବିଛା:** ପରିସ୍ଥିତିକୁ ସଜାଡି ନେବେ, ସମସ୍ୟାର ମୁକାବିଲା କରିବେ, ବକେୟା ଟଙ୍କା ପାଇବେ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା, ଭ୍ରମଣ ସୁଯୋଗ ଜୁଟିବ, ସମାଲୋଚିତ ହୋଇପାରନ୍ତି, ପ୍ରାପ୍ୟଧନରେ ବାଧା ଉପୁଜିବ, ପ୍ରତାକ୍ଷାଜନିତ ଯନ୍ତ୍ରଣା, କ୍ରନିକ୍ ରୋଗର ପୀଡା।

**ଧନୁ:** ମନ ପ୍ରଫୁଲ୍ଲ ରହିବ, ବନ୍ଧୁ ମିଳନ, କନ୍ୟାହେତୁକ ସମସ୍ୟା, ପରାଶ୍ରୟତାରୁ ମନବ୍ୟଥା, ପାରିବାରିକ ସଦ୍ଭାବ ବୃଦ୍ଧି, ସାମୟିକ ବାଧା ଆସିପାରେ, ବ୍ୟବସାୟରେ ଶିଥିଳତା, କୌଣସି ଭୁଲ କାମ କରିପାରନ୍ତି।

**ମକର:** ହାତ ଖାଲି ରହିବନି, ଆଘାତ ଲାଗିପାରେ, ବିରୋଧୀପକ୍ଷଙ୍କ ସକ୍ରିୟତା, ଦ୍ୱନ୍ଦ୍ୱର ଅବସାନ ଘଟିବ, ନୂତନ କାର୍ଯ୍ୟରେ ଅଗ୍ରଗତି, ମନୋବଳ କମି ଯାଇପାରେ, ପାରିବାରିକ ଅଶାନ୍ତି, ଅଶୌଚ ଖବର ପାଇପାରନ୍ତି।

**କୁମ୍ଭ:** ସମସ୍ୟାକୁ ସାମନା କରିବେ, ମନରେ ବିରକ୍ତି ଆସିବ, କାର୍ଯ୍ୟ ସାଧନରେ ବ୍ୟତିକ୍ରମ, ଭ୍ରମଣ ସୁଯୋଗ ଜୁଟିବ, ମାଙ୍ଗଳିକ କାମ କରିବେ, ପ୍ରତ୍ୟୁଷ ଯାତ୍ରାରେ ସଫଳତା, ପେଟ ଗୋଳମାଳ ଦେଖାଦେବ, ପିତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି।

**ମୀନ:** ନୂଆ ଯୋଜନା କରିବେ, ଦୂରଯାତ୍ରାର ମଉସୁଧା, ନିଷ୍ପତ୍ତି ପରିବର୍ତ୍ତନ କରିପାରନ୍ତି, ଲେଖାପଢାରୁ ଶୁଭଫଳ, ସୁସ୍ଥତା ଫେରିପାଇବେ। ସ୍ନାୟବିକ ଦୁର୍ବଳତା ଦେଖାଦେବ, ସ୍ଥଗିତକାମରେ ଅଗ୍ରଗତି, ପ୍ରତିକୂଳ ପରିସ୍ଥିତିର ଚାପ କମିବ, ଭୂ-ସମ୍ପତ୍ତିକୁ ନେଇ ବିବାଦ।

# ସେଲ୍‌ଫି କେକ୍



ବର୍ତ୍ତମାନ ବଜାରରେ ଦିନକୁ ଦିନ ଯେମିତି କେକ୍‌ର ଚାହିଦା ବଢ଼ିବାରେ ଲାଗିଛି, ସେମିତି କେକ୍‌ର ଡିଜାଇନ୍ ବି ଆକର୍ଷଣୀୟ ହେବାରେ ଲାଗିଛି। କିନ୍ତୁ ଜଣେ କେକ୍ କାରିଗର ବାସ୍ତବରୂପୀ ସେଲ୍‌ଫି କେକ୍ ତିଆରି କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରାଇ ଦେଇଛନ୍ତି। ସେ ହେଉଛନ୍ତି ୩୫ ବର୍ଷୀୟା ନାଟାଲି ସାଇଡସର୍ଫ। ସେ ନିଜ ଚେହେରାର ପ୍ରତିରୂପ କେକ୍ ତିଆରି କରି ତାକୁ କାଟି ଏହା କେକ୍ ବୋଲି ଦେଖାଉଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଯାଇଛି। ସେ ଆଗରୁ ମଧ୍ୟ ଅନେକ ବାସ୍ତବରୂପୀ କେକ୍ ତିଆରି କରି ଏହାର ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। କିଛି ନୂଆ ଏବଂ ଭିନ୍ନ କରିବା ପାଇଁ ହିଁ ସେ ନିଜ ପ୍ରତିରୂପର ଏହି କେକ୍ ତିଆରି କରିଥିଲେ ବୋଲି କୁହନ୍ତି।

# ପାଠକୀୟ

- ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେବାକୁ ଆଦର୍ଶ କରିଥିବା କିଛି ଯୁବପିଢ଼ିଙ୍କ ସମ୍ପର୍କରେ ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ସେବା ହିଁ ଆଦର୍ଶ'ରୁ ପଢି ବହୁତ ଖୁସି ଲାଗିଲା। 'ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ ଉଷୁମ ପାଣି' ପାଠଟି ସତରେ ଏକ ଶିକ୍ଷଣୀୟ ବିଷୟ ଥିଲା। 'କାକ୍‌ଟସ୍ ମସାଜ' ପାଠଟି ବି ଏକ ଉପାଦେୟ ଆଲେଖ୍ୟ ଥିଲା।

*-ଅବିନାଶ ମହାନ୍ତି, ୱାଟର୍ ୱାର୍କ୍ସ ରୋଡ୍, ପୁରୀ*

- ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ସେବା ହିଁ ଆଦର୍ଶ' ଏକ ପ୍ରେରଣାଦାୟୀ ବିଷୟ ଥିଲା। ଖାସ୍‌କରି ଆଜିର ଯୁବପିଢ଼ି ଏହି ବିଷୟରୁ ଅନେକ କିଛି ଶିକ୍ଷାଲାଭ କରିପାରିବେ। 'ବ୍ରେସ୍‌ଲେଟ୍ ଫ୍ୟାଶନ'ରୁ ବିଭିନ୍ନ ଡିଜାଇନ୍‌ର ବ୍ରେସ୍‌ଲେଟ୍ ସମ୍ପର୍କରେ ଜାଣି ଖୁସି ଲାଗିଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଶିଷ୍ଟ କଣ୍ଠଶିଳ୍ପୀ ଡ. ସଂଗୀତା ଗୋସ୍ୱାମୀଙ୍କ ସଂଘର୍ଷପୂର୍ଣ୍ଣ ଜୀବନୀ ସମ୍ପର୍କରେ ପଢିଲି, ଏହା ବେଶ୍ ମନଛୁଆଁ ହୋଇପାରିଥିଲା।

*-ରାକେଶ ପ୍ରଧାନ, ଝାରସୁଗୁଡ଼ା*

- ସୃଜନ ପୃଷ୍ଠାରେ ସ୍ଥାନିତ 'ହାପି ସନ୍‌ଡେ' ଓ 'ପ୍ରାଚୁର୍ଯ୍ୟ'ନାମକ ଗପ ଦୁଇଟି ବେଶ୍ ମନଛୁଆଁ ହେବା ସହ 'ପ୍ରେମବାର' କବିତାଟି ଖୁବ୍ ରୋମାଣ୍ଟିକ୍ ହୋଇଥିଲା। ସେହିପରି ସିନେମା ପୃଷ୍ଠାରେ ସ୍ଥାନିତ 'ଆମୀରଙ୍କ ସିଗ୍ନାଲକୁ ଅପେକ୍ଷା', 'ଅନୁତାପ କରୁଛନ୍ତି ସାରା' ଏବଂ 'ପଲ୍ ପଲ୍ ତତେ ଚାହେଁ' ନାମକ ପାଠଗୁଡ଼ିକ ବି ଖୁବ୍ ମନଛୁଆଁ ହୋଇପାରିଥିଲା।

*-ତନ୍ମୟ ପତି, ରାଉରକେଲା*

- ପ୍ରଥମ ରୋଜଗାର ସ୍ତମ୍ଭରୁ କବି, କଥାକାର, ନାଟ୍ୟକାର, ନିର୍ଦ୍ଦେଶକ ଦିଲ୍ଲୀପ ବଳବନ୍ତରାୟଙ୍କ ରୋଜଗାର ସମ୍ପର୍କିତ ଲେଖାଟି ଖୁବ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସେହିପରି 'ଲାଇବ୍ରେରି ଏମିତି ବି' ନାମକ ପାଠଟିରୁ ଅଜବ ଅଜବ ଲାଇବ୍ରେରୀ ବା ପାଠାଗାର ସମ୍ପର୍କରେ ଜାଣି ଆଶ୍ଚର୍ଯ୍ୟ ଲାଗିଲା। ମଡେଲ୍ ମିରରରେ ଅସୀମା ବେଶ୍ ସୁନ୍ଦରୀ ଲାଗୁଥିଲେ।

*-ଭବାନୀ ଶଙ୍କର ବଳିୟାରସିଂ, ଫୁଲନଖରା, କଟକ*

- ସହର ପୃଷ୍ଠାରୁ 'ବାଲାସିନୋରର ଡାଇନୋସର ପାର୍କ'ର ଇତିହାସ ତଥା ବର୍ତ୍ତମାନର ଅବସ୍ଥିତି ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ବିବିଧା ପୃଷ୍ଠାରେ ସ୍ଥାନିତ 'କ୍ୟୁଟ୍ ଓସ୍କାର' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'କଳାକାର ମହୁମାଛି', 'କ୍ରେଡିଟ୍ କାର୍ଡ ରଖି ରେକର୍ଡ' ଏବଂ 'ବ୍ୟାଗ୍ ଭିତରେ ହୃତପିଣ୍ଡ' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଥିଲା।

*-ଶୁଭ୍ରପ୍ରକାଶ ଦାଶ, ସୁନ୍ଦରପଦା, ଭୁବନେଶ୍ୱର*

## ବିଶେଷ ଚିଠି



ଇନ୍ଦ୍ରଧନୁର ସାତରଙ୍ଗ ନେଇ
ଆସେ ପ୍ରିୟ ଛୁଟିଦିନ,
ଯେଉଁ ରବିବାରେ ନ ଆସଇ ସିଏ
ଝୁରି ହୁଏ ସାରା ଦିନ।
ସତେ କି ସୁନ୍ଦର ଲେଖାମାନ
ରୂପରେ ରଙ୍ଗରେ ମୋହିନିଏ ସିଏ
ସବୁ ପାଠକଙ୍କ ମନ।
ପ୍ରଚ୍ଛଦ ପ୍ରସଙ୍ଗ କାର୍ଟୁନରେ ବ୍ୟଙ୍ଗ
ମନୋରମ ଅନୁପମ,
ପତ୍ରିକା ଉଦ୍ୟାନେ ଛୁଟିଦିନ ଅଟେ
ପାରିଜାତ ପୁଷ୍ପସମ।

-ଡ. ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଯଦି ଥାଏ ପ୍ରେମ



**ପ୍ରେମ ଶାଶ୍ୱତ, ସୁନ୍ଦର ଓ ପବିତ୍ର। ଏଥିରେ ଥାଏ ପରସ୍ପର ପ୍ରତି କେବଳ ନିଚ୍ଛକ ଭଲପାଇବା। ଆଉ ଏହି ଭଲପାଇବା ଦେଖେନାହିଁ ଜାତି, ଧର୍ମ କି ସୁନ୍ଦର ରୂପ ରଙ୍ଗ। କେବଳ ନିର୍ମଳ ମନଟିଏ ଆବଶ୍ୟକ ହୁଏ ଜଣଙ୍କର ହୃଦୟକୁ ଚିହ୍ନିବାକୁ ତାକୁ ଆପଣାର କରିବାକୁ। ସେମିତି କିଛି ନିଚ୍ଛକ ପ୍ରେମ ସମ୍ପର୍କକୁ ନେଇ ଏହି ଉପସ୍ଥାପନା...**

**ଚିତ୍ରକଳା ଯୋଡ଼ିଦେଲା ସମ୍ପର୍କ:** କଟକ ନନ୍ଦିସାହି ନିବାସୀ ପ୍ରଦୀପ ଚନ୍ଦ୍ର ଦାସଙ୍କ ତିନି ପୁଅ ମଧ୍ୟରୁ ସବା ସାନ ହେଲେ ଜୟଦୀପ ଦାସ। ପିଲାଟି ଦିନରୁ ଚିତ୍ରକଳା ପ୍ରତି ତାଙ୍କର ଥିଲା ଖୁବ୍ ଦୁର୍ବଳତା। ସେଥିପାଇଁ ସାଙ୍ଗସାଥୀ ମେଳରେ ତାଙ୍କର ଥିଲା ଏକ ଭିନ୍ନ ପରିଚୟ। ଏତେ ସବୁ ପରେ ବି ତାଙ୍କ ଜୀବନରେ ରହିଯାଇଥିଲା ଗୋଟେ ଦୁଃଖ। ସେ ଥିଲେ ଜନ୍ମରୁ ମୂକବଧିର। ତଥାପି ସେ ହାରି ନ ଥିଲେ। ସ୍ୱାବଲମ୍ବୀ ହେବା ପାଇଁ ସ୍ନାତକ ଶିକ୍ଷା ସମାପ୍ତି ପରେ ସେ ବି.କେ. କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟରେ ଚିତ୍ରକଳାରେ ମାଷ୍ଟର ଡିଗ୍ରୀ ହାସଲ କରିବା ନିମନ୍ତେ ନାମ ଲେଖାଇଥିଲେ। ଆଉ ସେହିଠାରେ ହିଁ ତାଙ୍କର ଦେଖା ହୋଇଥିଲା ଶୁଭଶ୍ରୀ କାନୁନ୍‌ଗୋ ନାମ୍ନୀ ଜଣେ ଝିଅ ସାଙ୍ଗରେ। ସୌଭାଗ୍ୟକୁ ସେ ବି ସେଠାରେ ଚିତ୍ରକଳାରେ ମାଷ୍ଟର ଡିଗ୍ରୀ ପାଇଁ ଆଡ୍‌ମିଶନ ନେଇଥିଲେ। ଚିତ୍ର ଆଙ୍କିବାରେ ନିପୁଣା ହୋଇଥିଲେ ମଧ୍ୟ ଜୟଦୀପଙ୍କ ପରି ଶୁଭଶ୍ରୀ ବି ଥିଲେ ଜନ୍ମରୁ ବଧିର। ହେଲେ ସେ ଥଙ୍ଗେଇ ଥଙ୍ଗେଇ ଟିକେ କଥା କହିପାରନ୍ତି, ଯାହାକୁ ସାମ୍ନା ଲୋକ ଭଲକି ଶୁଣିଲେ ହୁଏତ କିଛି ବୁଝିଯାଇପାରିବେ। ତେବେ ସେ ଯାହା ହେଉ, ସାମାନ୍ୟ ଦେଖାରୁ ଜୟଦୀପ ଓ ଶୁଭଶ୍ରୀଙ୍କ ଭିତରେ ବନ୍ଧୁତାର ଏକ ସମ୍ପର୍କ ଗଢ଼ି ଉଠିଥିଲା। ସେମାନେ ପରସ୍ପରର ଭାବନାକୁ ଖୁବ୍ ଭଲ ଭାବରେ ବୁଝିପାରୁଥିବା ଲକ୍ଷ୍ୟ କରି ଜୟଦୀପଙ୍କ କେତେଜଣ ସାଙ୍ଗ ଏକଥା ଜୟଦୀପଙ୍କ ଘର ଲୋକଙ୍କୁ ଜଣାଇଲେ। ଜୟଦୀପ ଖୁବ୍ ଛୋଟ ଥିଲାବେଳେ ତାଙ୍କ ମା' ଯେହେତୁ ଆରପାରିକୁ ଚାଲିଯାଇଥିଲେ, ତେଣୁ ତାଙ୍କ କାକା, ଖୁଡ଼ୀ ଏହି ତିନି ଭାଇଙ୍କର ସବୁ ଭଲମନ୍ଦ କଥା ବୁଝୁଥିଲେ। ଜୟଦୀପଙ୍କ ବିଷୟରେ ଏକଥା ଜାଣିବା ପରେ କାକା, ଖୁଡ଼ୀ ବି ଖୁବ୍ ଖୁସି ହୋଇଥିଲେ ଜୟଦୀପଙ୍କ ଭବିଷ୍ୟତକୁ ନେଇ। ବଡ଼ ଦୁଇଭାଇ ଯେହେତୁ ବାହା ହୋଇ ଘରସଂସାର କରିସାରିଥିଲେ, ତେଣୁ ସେମାନେ ସେହି ଝିଅ ସହିତ ଜୟଦୀପଙ୍କ ବିବାହ କରିଦେବାକୁ ନିଷ୍ପତ୍ତି ନେଇ କଟକ କନିକାଛକ ନିକଟସ୍ଥ ଶୁଭଶ୍ରୀଙ୍କ ଘରକୁ ପ୍ରସ୍ତାବ ନେଇ ଯାଇଥିଲେ। ଉଭୟଙ୍କ ପରିବାର ଏହି ପ୍ରସ୍ତାବରେ ସହମତ ହୋଇ ଆଜକୁ ପ୍ରାୟ ୬/୭ ବର୍ଷ ତଳେ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧି ଦେଇଥିଲେ। ଜୟଦୀପ ଯେତିକି ସଂସ୍କାରି ଓ ଧର୍ମପରାୟଣ ଶୁଭଶ୍ରୀ ବି ସେତିକି ସରଳ ଆଉ ନିଷ୍କପଟ। ସବୁ ପରିସ୍ଥିତିକୁ ସମ୍ଭାଳି ନେବାର କ୍ଷମତା ରହିଛି ଉଭୟଙ୍କ ପାଖରେ। ତେଣୁ ଜୟଦୀପ ଓ ଶୁଭଶ୍ରୀ ଆଦର୍ଶ ପତିପତ୍ନୀ ଭାବେ ନିଜ ସାଂସାରିକ ଜୀବନକୁ ସୁରୁଖୁରୁରେ ଅତିବାହିତ କରିଚାଲିଛନ୍ତି। ଯା'ଭିତରେ ରାଜଦୀପ ନାମରେ ତାଙ୍କର ୫ ବର୍ଷର ପୁଅଟିଏ ମଧ୍ୟ ହୋଇସାରିଲାଣି। ଭଗବାନଙ୍କ କୃପାରୁ ପୁଅଟି ବି ଖୁବ୍ ସୁନ୍ଦର ଆଉ ଶାରୀରିକ ଓ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛି। ଉଭୟ ଜୟଦୀପ ଓ ଶୁଭଶ୍ରୀ ବର୍ତ୍ତମାନ କଟକର ଦୁଇଟି ଭିନ୍ନ ଭିନ୍ନ ୟୁ.ପି. ସ୍କୁଲ୍‌ରେ ଆର୍ଟ ଟିଚର୍ ଭାବେ କାର୍ଯ୍ୟ କରିବା ସହ ଓଡ଼ିଶାରେ ଅନୁଷ୍ଠିତ ବିଭିନ୍ନ ଚିତ୍ର ପ୍ରତିଯୋଗିତାରେ ଭାଗ ନେଇ ଯା'ଭିତରେ ଅନେକ ପୁରସ୍କାର ଓ ସମ୍ମାନ ପାଇସାରିଲେଣି। ଏପରି କି ଫାଇନ୍ ଆର୍ଟରେ ଅପୂର୍ବ କୃତି ପାଇଁ ଲଳିତ କଳା ଏକାଡେମୀ ତଥା ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଉଭୟ ପୁରସ୍କୃତ ମଧ୍ୟ ହୋଇସାରିଲେଣି। ତେଣୁ ଶେଷରେ କେବଳ ଏତିକି କୁହାଯାଇପାରେ, ଜୟଦୀପ ଓ ଶୁଭଶ୍ରୀଙ୍କର ସମ୍ପର୍କକୁ ନିବିଡ଼ କରିବାରେ ସାଙ୍ଗ ଓ ପରିବାର ଲୋକଙ୍କର ଯେତିକି ସହଯୋଗ ରହିଛି, ଚିତ୍ରକଳାର ମଧ୍ୟ ସେତିକି ଅବଦାନ ରହିଛି। ତେଣୁ ଉଭୟଙ୍କ ଭିତରେ ଏହି ନିବିଡ଼ତା ଏମିତି ଅତୁଟ ରହିଥାଉ, ଏହା ହିଁ ଆମର କାମନା।



ଶୁଭଶ୍ରୀ


ଜୟଦୀପ

**ଫେସବୁକରୁ ସମ୍ପର୍କ ଯୋଡ଼ିହେଲା :** ପୁରୀ ସୁଆରସାହିର ବାସିନ୍ଦା କୃପାସିନ୍ଧୁ ନାୟକ। ବୃଦ୍ଧା ମା' ଓ ଧର୍ମପତ୍ନୀଙ୍କୁ ନେଇ ତାଙ୍କ ସଂସାର। ନବମ ଶ୍ରେଣୀରେ ପଢ଼ିଲାବେଳେ ବାପାଙ୍କର ମୃତ୍ୟୁ ହୋଇଯିବାରୁ କୃପାସିନ୍ଧୁଙ୍କ ପାଠପଢ଼ାରେ ଡୋରି ବାନ୍ଧି ହୋଇଗଲା। ଅବଶ୍ୟ ସେତେବେଳକୁ ବଡ଼ ତିନି ଭଉଣୀଙ୍କର ବିବାହ ସରିଥିଲା। କିନ୍ତୁ ମା' ଦୁର୍ବଳ ହୋଇଯାଇ ଥିବାରୁ ପରିବାରର ଗୁଜୁରାଣ ମେଣ୍ଟାଇବାକୁ ଶେଷରେ କୃପାସିନ୍ଧୁଙ୍କୁ ଏକ ମେଡିସିନ ଷ୍ଟୋରରେ ଯାଇ କାମ କରିବାକୁ ପଡ଼ିଲା। ଶାନ୍ତ, ସରଳ ତଥା ପରୋପକାରୀ ସ୍ୱଭାବ ଯୋଗୁ ଖୁବ୍ କମ୍ ଦିନରେ ତାଙ୍କର ଅନେକ ଲୋକଙ୍କ ସହ ପରିଚୟ ହୋଇଗଲା। କ୍ରମେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପାଇଁ ସେ କାମ କରିବାକୁ ଲାଗିଲେ। ସେହି ସ୍ୱେଚ୍ଛାସେବୀ ଅନୁଷ୍ଠାନର ଆଉ ଜଣେ କର୍ମକର୍ତ୍ତା କଟକ ବିଲହାଟ, ମଣିଜଙ୍ଗର ସୁଷମାରାଣୀ ନାୟକ ଫେସ୍‌ବୁକ୍ ମାଧ୍ୟମରେ କୃପାସିନ୍ଧୁଙ୍କ ସମ୍ପର୍କରେ ଜାଣି ତାଙ୍କୁ ପ୍ରଥମେ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଇଥିଲେ। ପାଖାପାଖି ମାସେ ପରେ କୃପାସିନ୍ଧୁ ସୁଷମାଙ୍କର ରିକ୍ୱେଷ୍ଟକୁ ଆକ୍ସେପ୍ଟ କରିବା ସହ ତାଙ୍କୁ ଚାଟିଂ ମାଧ୍ୟମରେ ପରିଚୟ ପଚାରିଥିଲେ। କିଛି ସମୟର ଚାଟିଂ ଭିତରେ ସେମାନଙ୍କ ଭିତରେ ନିବିଡ଼ ସମ୍ପର୍କ ଗଢି ଉଠିଥିଲା। ଏପରି କି ସୁଷମାଙ୍କ ମନରେ କୃପାସିନ୍ଧୁଙ୍କ ପ୍ରତି ଭଲ ପାଇବା ଆସି ଯାଇଥିଲା ଆଉ ସେ ବିଳମ୍ବ ନ କରି ନିଜ ମନକଥାକୁ ତାଙ୍କ ଆଗରେ କହି ମଧ୍ୟ ଦେଲେ। କୃପାସିନ୍ଧୁ ବି ତାଙ୍କ ଭଲପାଇବାକୁ ସ୍ୱୀକୃତି ଦେଲେ। ଏତେପରେ ବି ସୁଷମା ଖୁସି ହୋଇପାରୁ ନ ଥିଲେ। କାରଣ ସୁଷମାଙ୍କର ପିଲାଦିନରୁ ବାମପାଦଟି ଠିକ୍‌ରେ କାମ କରୁ ନ ଥିଲା, ଯଦ୍ୱାରା ସେ ଛୋଟେଇ ଛୋଟେଇ ଚାଲୁଥିଲେ। ତା'ସହିତ ସେ ଦେଖିବାକୁ ଟିକେ କଳା ଥିଲେ। ତେଣୁ କୃପାସିନ୍ଧୁଙ୍କୁ ସବୁ ସତକଥା ଜଣାଇ ଦେବାକୁ ଠିକ୍ ଭାବିଲେ। ଏପରି କି କୃପାସିନ୍ଧୁଙ୍କଠାରୁ ଫୋନ ନମ୍ବର ମଗାଇ ତାଙ୍କୁ ଭିଡିଓ କଲ୍ କରି ସେ ଦେଖିବାକୁ କେମିତି ଏବଂ କିପରି ଛୋଟେଇ ଛୋଟେଇ ଚାଲୁଛନ୍ତି ଦେଖାଇଥିଲେ। ସବୁକିଛି ଜାଣିବା ଓ ଦେଖିବା ପରେ ବି କୃପାସିନ୍ଧୁ ସୁଷମାଙ୍କୁ ନିଜର କରିବାକୁ ରାଜି ହୋଇଥିଲେ। ଉଭୟ ନିଜ ନିଜର ପରିବାର ଲୋକଙ୍କୁ ଏ ବିଷୟରେ ଜଣାଇଲେ। କୃପାସିନ୍ଧୁଙ୍କ ପକ୍ଷରୁ କିଛି ଅସୁବିଧା ନ ଥିଲେ ହେଁ ସୁଷମାଙ୍କ ପରିବାର ଲୋକେ ଏ କଥାକୁ ସହଜରେ ଗ୍ରହଣ କରିପାରୁ ନ ଥିଲେ। କାରଣ ସେମାନଙ୍କର ଡର ଥିଲା ହୁଏତ ସୁଷମାଙ୍କୁ କୃପାସିନ୍ଧୁ ଠକି ଦେଇ ଅଧାରାସ୍ତାରେ ହାତ ଛାଡ଼ିଦେବେ। ସେଥିପାଇଁ ସୁଷମା ବାଧ୍ୟ ହୋଇ କେବଳ ମା'ଙ୍କଠାରୁ ଅନୁମତି ନେଇ ଜାନୁୟାରୀ ୧, ୨୦୨୦ରେ ନିଜ ଘରଛାଡ଼ି କୃପାସିନ୍ଧୁଙ୍କ ଘରକୁ ଚାଲି ଆସିଲେ। କୃପାସିନ୍ଧୁ ଓ ତାଙ୍କ ମା' ସୁଷମାଙ୍କୁ ସ୍ନେହରେ ଆଦରି ନେଇଥିଲେ।

→


କୃପାସିନ୍ଧୁ-ସୁଷମା









ଜିଜା– ବାପ୍ପାଦିତ୍ୟ



ହୃଷୀକେଶ–ଦୀପାଞ୍ଜଳି



ପ୍ରଣବ– ଶାହାନା

ଆଉ ଜାନୁୟାରୀ ୪ରେ ସେମାନେ ପୁରୀ ଜଗନ୍ନାଥ ମନ୍ଦିରରେ ବିବାହ କରି ଖୁସିରେ ତାଙ୍କ ସାଂସାରିକ ଜୀବନ ଆରମ୍ଭ କରିଥିଲେ। ୟା' ଭିତରେ ତାଙ୍କ ବିବାହକୁ ବର୍ଷେ ବିତିଗଲାଣି। ଆଉ ସେମାନଙ୍କ ଭଲ ପାଇବା ବି ଆହୁରି ନିବିଡ଼ ହୋଇଗଲାଣି। ଏପରି କି ସୁଷମାଙ୍କ ପରିବାର ଲୋକେ ମଧ୍ୟ ସେମାନଙ୍କ ବିବାହକୁ ସ୍ୱୀକୃତି ଦେବା ସହ ତାଙ୍କୁ ଆପଣେଇ ନେଲେଣି। ଆଗକୁ ବି ସେମାନଙ୍କ ସମ୍ପର୍କ ଆହୁରି ଦୃଢ ହେଉ ଏତିକି ହିଁ ଆମର କାମ୍ୟ।

**ସାଙ୍ଗମାନଙ୍କ ସହଯୋଗରୁ ସମ୍ପର୍କ ସ୍ଥାପନା ହେଲା :** କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଅଧୀନ ସାନହାତିଆଗଡ଼ି ଗାଁର ବାସିନ୍ଦା ହେଲେ ମଙ୍ଗୁଳି ପରିଡ଼ା। ତାଙ୍କର ତିନି ପୁଅ ମଧ୍ୟରୁ ସବା ସାନ ପୁଅଙ୍କର ନାମ ହୃଷୀକେଶ ପରିଡ଼ା। ଘରର ଦୁର୍ବଳ ଆର୍ଥିକାବସ୍ଥା ପାଇଁ ନବମ ପାସ୍ କରିବା ପରେ ପାଠପଢ଼ା ଛାଡ଼ି ହୃଷୀକେଶ ପୁରୀରେ ଯାଇ ଦିନ ମଜୁରିଆ ଭାବେ କାମ କରୁଥିଲେ। ହେଲେ ଦୁର୍ଭାଗ୍ୟ ଥରେ ଭାରା ଉପରେ ଠିଆ ହୋଇ କାମ କରୁଥିବା ସମୟରେ ହଠାତ୍ ଭାରା ଭାଙ୍ଗି ଯିବାରୁ ସେ ପ୍ରାୟ ୧୫ ଫୁଟ ଉଚ୍ଚତାରୁ ତଳକୁ ଖସି ପଡ଼ିଲେ ଆଉ ଭାରାତକ ତାଙ୍କ ଉପରେ ଲଦି ହୋଇଗଲା। ଏହି ଘଟଣାରେ ହୃଷୀକେଶଙ୍କ ଅଣ୍ଟା ହାଡ଼ ଭାଙ୍ଗିଗଲା ; ଯଦ୍ୱାରା ସେ ଆଉ ଚଲାବୁଲା କରିବାକୁ ସକ୍ଷମ ହେଲେ ନାହିଁ। ଘରକୁ ଫେରି ଆସିଲେ। ଯୁବାବସ୍ଥାରେ ପୁଅର ଏଭଳି ଦାରୁଣ ଦୁଃଖକୁ ଦେଖି ଓ ତା'ର ଭବିଷ୍ୟତ କଥା ଚିନ୍ତା କରି ହୃଷୀକେଶଙ୍କ ବୃଦ୍ଧ ମା'ବାପା ଖୁବ୍ ଭାଙ୍ଗି ପଡ଼ିଲେ। ହେଲେ ହୃଷୀକେଶଙ୍କ ବଡ଼ ଭାଇ ଓ ଭାଉଜମାନେ ସେମାନଙ୍କୁ ବୁଝାଇବା ସହ ହୃଷୀକେଶଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ ନେବେ ବୋଲି କଥା ଦେଇଥିଲେ। ଏମିତିରେ କିଛିଦିନ ବିତିଗଲା। କ୍ରମେ ହୃଷୀକେଶ ଦୁଇଟି ଆଶାବାଡ଼ି ସହାୟତାରେ ଟିକେ ଟିକେ ଚଲାବୁଲା କରିବାକୁ ଲାଗିଲେ। ଗତ ୩/୪ ବର୍ଷ ତଳେ ହୃଷୀକେଶ ତାଙ୍କର ଦୁଇଜଣ ସାଙ୍ଗଙ୍କ ସହ ବାଇକ୍‌ରେ ବସି ରିଘାଗଡ଼ସ୍ଥିତ ଶ୍ରୀ ବଳଦେବଜିଉ ମନ୍ଦିରକୁ ବୁଲିବାକୁ ଯାଇଥିଲେ। ସେଠାରେ ଜଣେ ଝିଅକୁ ଦେଖି ତା' ପ୍ରେମରେ ହୃଷୀକେଶ ଏମିତି ପଡ଼ିଗଲେ ଯେ, ତା'ର ନାମ ଓ ଘର ପରିବାର ବିଷୟରେ ଜାଣିବା ପାଇଁ ତା'ର ଅଜାଣତରେ ସାଙ୍ଗମାନଙ୍କ ସହ ତାକୁ ପିଛା କରିଥିଲେ। ଘଡ଼ିଆମାଳ ପଞ୍ଚାୟତ ଅଧୀନ ପଞ୍ଚୁପଲି ଗାଁରେ ଥିଲା ସେହି ଝିଅଟିର ଘର ଆଉ ତା' ନାମ ଦୀପାଞ୍ଜଳି। ସବୁକିଛି ତଥ୍ୟ ବୁଝିବା ପରେ ହୃଷୀକେଶଙ୍କର କେତେଜଣ ସାଙ୍ଗ ସେ ଗାଁକୁ ଆଉ ୨/୩ଥର ଯାଇ ସେଠାକାର କିଛି ପିଲାଙ୍କ ସହ ବନ୍ଧୁତା ସ୍ଥାପନ କରି କୌଶଳ କ୍ରମେ ଦୀପାଞ୍ଜଳିଙ୍କର ଫୋନ୍ ନମ୍ବର ସଂଗ୍ରହ କରି ଆଣିଥିଲେ। ତା'ପରେ ହୃଷୀକେଶ ଫୋନ୍ କରିଥିଲେ ଦୀପାଞ୍ଜଳିଙ୍କ ପାଖକୁ। କିନ୍ତୁ ସାହସ କରି କିଛି କହି ନ ପାରି ଫୋନ୍‌କୁ ବାରମ୍ବାର କାଟି ଦେଉଥିଲେ। ୪/୫ଥର ଏମିତି କରିବା ପରେ ସାଙ୍ଗମାନେ ବୁଝାଇବାରୁ ସେ ମନରେ ସାହସ ବାନ୍ଧି କଥାହେଲେ। ଦୀପାଞ୍ଜଳିଙ୍କୁ ସବୁ ଘଟଣା ସମ୍ପର୍କରେ କହିବା ସହ ନିଜ ଶାରୀରିକ ସମସ୍ୟା ବିଷୟରେ ବି ଜଣାଇ ଦେଇଥିଲେ। ଏମିତି ଥରେ ଦୁଇଥର କଥାବାର୍ତ୍ତା ଭିତରେ ଦୀପାଞ୍ଜଳି ମଧ୍ୟ ହୃଷୀକେଶଙ୍କ ସରଳ ଓ ନିଷ୍କପଟ ହୃଦୟକୁ ଭଲପାଇ ବସିଲେ। ବେଶ୍ କିଛିଦିନ ସେମାନଙ୍କର ଫୋନ୍‌ରେ ବାର୍ତ୍ତାଳାପ ଚାଲିଲା। ଏମିତି କି ଥରେ ପ୍ଲାନିଂ କରି ସେମାନେ ରାଜନଗରରେ ଦେଖା ମଧ୍ୟ ହୋଇଥିଲେ। ଧୀରେ ଧୀରେ ଘରଲୋକେ ବି ସେମାନଙ୍କ ସମ୍ପର୍କ ବିଷୟରେ ଜାଣିଗଲେ। ହୃଷୀକେଶଙ୍କ ପକ୍ଷରୁ କିଛି ଅସୁବିଧା ନ ଥିଲେ ହେଁ ଦୀପାଞ୍ଜଳିଙ୍କ ପରିବାର ଲୋକେ କିନ୍ତୁ ଖୁବ୍ ବିରୋଧ କରିଥିଲେ। ତେଣୁ ବାଧ୍ୟ ହୋଇ ଦୀପାଞ୍ଜଳି ଜାନୁୟାରୀ ୧୨, ୨୦୧୭ରେ ଘର ଛାଡ଼ି ହୃଷୀକେଶଙ୍କ ସାଙ୍ଗରେ ପଳେଇ ଆସିଲେ। ହୃଷୀକେଶଙ୍କ ଘରଲୋକେ ବିଶେଷ କରି ତାଙ୍କ ବଡ଼ଭାଇ ଏ ବିଷୟରେ ଜାଣିବା ପରେ ଉଭୟଙ୍କୁ ଘରକୁ ନେଇ ଆସିଥିଲେ ଆଉ ଜାନୁୟାରୀ ୨୨ରେ ବୈଦିକ ରୀତିରେ ସେମାନଙ୍କର ବିବାହ କରାଇ ଦେଇଥିଲେ। ଅବଶ୍ୟ ସେ ସମୟରେ ଦୀପାଞ୍ଜଳିଙ୍କ ପରିବାର ତରଫରୁ ଥାନାରେ ଏତଲା ଦିଆଯାଇଥିଲା। କିନ୍ତୁ ଉଭୟ ପ୍ରାପ୍ତ ବୟସର ହୋଇ ସାରିଥିବାରୁ ଆପୋସ ବୁଝାମଣାରେ ଲେଖାପଢ଼ା ହୋଇ ସେମାନଙ୍କର ଯଥାରୀତି ବିବାହ ସମ୍ପନ୍ନ ହୋଇଥିଲା। ସେବେଠାରୁ ବେଶ୍ ଖୁସିରେ ସେମାନଙ୍କର ସାଂସାରିକ ଜୀବନ ବିତି ଚାଲିଛି। ଆଉ ସେ ଦୁହିଁଙ୍କ ସବୁ ଭଲମନ୍ଦ କଥା ହୃଷୀକେଶଙ୍କ ଭାଇଭାଉଜ ବୁଝିବା ସହ ଖୁସିରେ ସମସ୍ତେ ଏକାଠି ଅଛନ୍ତି।

**ନିଃସ୍ୱାର୍ଥପର ଭଲପାଇବା ହିଁ ଏମାନଙ୍କୁ ଏକାଠି କଲା :** କେରଳର ଶାହାନା ଓ ପ୍ରଣବଙ୍କ ଅପୂର୍ବ ପ୍ରେମ କାହାଣୀ ସତରେ ବେଶ୍ ହୃଦୟସ୍ପର୍ଶୀ। ଆଜକୁ ପ୍ରାୟ ୬/୭ ବର୍ଷ ତଳେ ପ୍ରଣବ ଜଣେ କଲେଜ ଛାତ୍ର ଥିଲେ। ପାଠରେ ଯେମିତି ଆଗୁଆ ଥିଲେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ବି ତାଙ୍କର ଭୂମିକା ସେମିତି ଗୁରୁତ୍ୱପୂର୍ଣ୍ଣ ରହୁଥିଲା। ସେଥିପାଇଁ ସେ ସମସ୍ତଙ୍କର ପ୍ରିୟ ଥିଲେ। ହଠାତ୍ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ସେ ପକ୍ଷାଘାତର ଶିକାର ହେଲେ। ଅନେକ ଚିକିତ୍ସା ପରେ ସାମାନ୍ୟ ସୁସ୍ଥ ହୋଇଥିଲେ ହେଁ ସେ ଆଉ ଚଲାବୁଲା କରିବାକୁ ସକ୍ଷମ ହେଲେ ନାହିଁ। କୁଆଡ଼େ ଯିବାକୁ ହେଲେ ତାଙ୍କୁ ହୁଇଲ ଚେୟାର୍‌ର ସହାୟତା ନେବାକୁ ପଡୁଥିଲା। ତଥାପି ତାଙ୍କ ଭିତରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତି ଥିବା ଦୁର୍ବଳତା ସେମିତି ଅତୁଟ ରହିଥିଲା। ଯେଉଁଥିପାଇଁ ସ୍ଥାନୀୟ ଅଞ୍ଚଳରେ କିଛି ସାଂସ୍କୃତିକ କାର୍ଯ୍ୟକ୍ରମ କିମ୍ବା ମନ୍ଦିରର କୌଣସି ପୂଜାପାଠର ଆୟୋଜନ ହେଉଥିବା ଖବର ପାଇବା ମାତ୍ରେ ପ୍ରଣବ ହୁଇଲ୍ ଚେୟାରରେ ବସି ସେଠାରେ ଆଗେ ପହଞ୍ଚି ଯାଉଥିଲେ। ଧୀରେ ଧୀରେ ତାଙ୍କର ଏଭଳି ଦୁର୍ବଳତା ସମ୍ପର୍କରେ ଜାଣି ତାଙ୍କ ସାଙ୍ଗମାନେ କାର୍ଯ୍ୟକ୍ରମସ୍ଥଳୀରେ ପ୍ରଣବ ହୁଇଲ୍ ଚେୟାରରେ ବସି ବୁଲୁଥିବାର ବିଭିନ୍ନ ଫଟୋ ଓ ଭିଡିଓକୁ ସୋସିଆଲ ମିଡିଆରେ ଅପଲୋଡ୍ କରି ଦେଇଥିଲେ। ସେମିତି ଏକ ଭିଡିଓକୁ ଦେଖି ଥିରୁଭାନନ୍ତପୁରମ୍‌ର ଶାହାନା ନାମ୍ନୀ ଜଣେ ଝିଅ ପ୍ରଣବଙ୍କୁ ଫେସ୍‌ବୁକ୍‌ରେ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଇଥିଲେ। ତା'ପରେ ଧୀରେ ଧୀରେ ସେମାନଙ୍କ ଭିତରେ ଚାଟିଂ ହେବା ସହ ଉଭୟଙ୍କର ଫୋନ୍ ନମ୍ବର ବି ଶେୟାର୍ କରିଥିଲେ। କିଛିଦିନ ଏମିତି ଚାଲିବା ପରେ ଶାହାନା ତାଙ୍କ ତରଫରୁ ପ୍ରଥମେ ପ୍ରଣବଙ୍କୁ ପ୍ରେମ ନିବେଦନ କରିଥିଲେ। ପ୍ରଣବ ବି ମନେମନେ ଶାହାନାକୁ ପସନ୍ଦ କରୁଥିଲେ ମଧ୍ୟ ଜାଣିଜାଣି ତାଙ୍କ ଭବିଷ୍ୟତକୁ ନଷ୍ଟ କରିବାକୁ ଚାହୁଁ ନ ଥିଲେ। ସେଥିପାଇଁ ସେ ଶାହାନାକୁ ଅଣଦେଖା କରିବାକୁ ଲାଗିଲେ। ଏପରି କି ପରିବାର ଲୋକଙ୍କ ସହାୟତାରେ ତାଙ୍କର ଅନ୍ୟ କୌଣସି ଝିଅ ସହିତ ସମ୍ପର୍କ ଅଛି ବୋଲି ମିଛରେ ଶାହାନାଙ୍କୁ ଜଣାଇଲେ।

ତଥାପି ଶାହାନା ମାନି ନ ଥିଲେ, ସେ ପ୍ରଣବଙ୍କୁ ଥରେ ଦେଖା କରିବାକୁ ଚାହୁଁଥିଲେ। ପ୍ରଣବଙ୍କ ପରିବାର ଲୋକେ ଭାବିଲେ ଶାହାନା ଥରେ ଆସି ପ୍ରଣବର ଶାରୀରିକ ଅବସ୍ଥାକୁ ଆଖିରେ ଦେଖିଲେ ହୁଏତ ମତ ପରିବର୍ତ୍ତନ କରିଦେବ, ସେଥିପାଇଁ ସେମାନେ ଶାହାନାକୁ ଘରକୁ ଡକାଇଲେ। ହେଲେ ସବୁକିଛି ଓଲଟପାଲଟ ହୋଇଗଲା। ପାଖରେ ପ୍ରଣବଙ୍କୁ ପାଇ ଶାହାନା ଭାବବିହ୍ୱୋଳ ହେବା ସହ ତାଙ୍କୁ ବିବାହ କରିବା ପାଇଁ ଜିଦ ଧରି ବସିଲେ। ଶେଷରେ ତାଙ୍କ ନିଃସ୍ୱାର୍ଥପର ଭଲ ପାଇବା ଆଗରେ ସମସ୍ତଙ୍କୁ ହାର୍ ମାନିବାକୁ ପଡ଼ିଲା। ଆଉ ପରିବାର ଲୋକେ ସେମାନଙ୍କର ବୈଦିକ ରୀତିରେ ବିବାହ କରିଦେଲେ।

**ନିଚ୍ଛକ ଭଲ ପାଇବା ହିଁ ଏମାନଙ୍କୁ ଖୁସିରେ ରଖିଛି:** କୋଲକାତାର ବାପ୍ପାଦିତ୍ୟ ନାଗ୍ ଓ ତାଙ୍କ ପତ୍ନୀ ଜିଜା ଘୋଷଙ୍କ ପ୍ରେମକାହାଣୀ ବି ବେଶ୍ ମନଛୁଆଁ। ଜିଜା, ଯିଏ କି ସେରେବ୍ରାଲ ପାଲ୍ସି ନାମକ ଏକ ରୋଗରେ ଆକ୍ରାନ୍ତ। ଏହା ଏକପ୍ରକାର ନ୍ୟୁରୋଲୋଜିକାଲ୍ ଡିସ୍‌ଅର୍ଡର, ଯାହା ବ୍ୟକ୍ତିଙ୍କର ଶାରୀରିକ ଗତି ଅର୍ଥାତ୍ ଚଲାବୁଲା କରିବାର କ୍ଷମତାକୁ ପ୍ରଭାବିତ କରିବା ସହ ସେମାନଙ୍କ ମାଂସପେଶୀକୁ ବି ଦୁର୍ବଳ କରି ଦେଇଥାଏ। ଜିଜା ଏ ରୋଗରେ ଆକ୍ରାନ୍ତ ହୋଇଥିଲେ ବି ମାନସିକ ସ୍ତରରେ ସେ କିନ୍ତୁ ଥିଲେ ଖୁବ୍ ଦୃଢ଼। ପାଠ ପଢି ନିଜର ଏକ ପରିଚୟ ସୃଷ୍ଟି କରିବାର ଲକ୍ଷ୍ୟରେ ସେ ଆଗକୁ ମାଡ଼ି ଚାଲିଥିଲେ। ତାଙ୍କ ପଛରେ କିଏ କ'ଣ କହୁଛି ସେ ଦିଗ ପ୍ରତି ତାଙ୍କର ଆଦୌ ଭ୍ରୂକ୍ଷେପ ନ ଥିଲା। ୟୁକେରୁ ମାଷ୍ଟର ଇନ୍ ଡିଜାବିଲିଟି ଷ୍ଟଡି ସମାପ୍ତ କରିବା ପରେ ଜିଜା ଭାରତ ଫେରି ଆସି ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସେରେବ୍ରାଲ୍ ପାଲ୍ସିର ଡିଜାବିଲିଟି ଡିପାର୍ଟମେଣ୍ଟର ମୁଖ୍ୟ ଭାବେ କାମ କଲେ। ଏହାପରେ ୨୦୦୮ରେ ସେ ହ୍ୟୁମାନ୍ ରାଇଟ୍ସ ଲ' ନେଟ୍‌ୱର୍କର ଜଣେ ସାମାଜିକ କର୍ମୀ ଭାବେ କାମ କରିବାକୁ ଲାଗିଲେ। ଏହିଠାରେ ହିଁ ତାଙ୍କର ବାପ୍ପାଦିତ୍ୟଙ୍କ ସହ ସାକ୍ଷାତ ହୋଇଥିଲା। ବାପ୍ପାଦିତ୍ୟ ଏଠାରେ ଲିଗାଲ୍ କନ୍‌ସଲ୍‌ଟାଣ୍ଟ ଭାବେ କାମ କରୁଥିଲେ। ଶାରୀରିକ ସ୍ତରରେ ସମ୍ପୂର୍ଣ୍ଣ ସକ୍ଷମ ନ ହୋଇ ବି ଜିଜା ବିଦେଶରେ ଏକାରହି ପାଠ ପଢ଼ିବା ଆଉ ନିଜର ବୁଦ୍ଧିମତ୍ତା ବଳରେ ବଡ଼ ବଡ଼ ସମସ୍ୟାକୁ ସମାଧାନ କରିବାର ଦକ୍ଷତାକୁ ଦେଖି ବାପ୍ପାଦିତ୍ୟ କ୍ରମେ ଜିଜାଙ୍କୁ ପସନ୍ଦ କରିବାକୁ ଲାଗିଲେ। କିନ୍ତୁ ଏକଥା ଅନ୍ୟମାନଙ୍କୁ ଖାସ୍‌କରି ବାପ୍ପାଦିତ୍ୟଙ୍କ ପରିବାର ଲୋକଙ୍କୁ ପସନ୍ଦ ନ ଥିଲା। ହେଲେ ବାପ୍ପାଦିତ୍ୟ ଥିଲେ ନିଜ ନିଷ୍ପତ୍ତିରେ ଅଟଳ। ସେ ଜିଜାଙ୍କୁ ପ୍ରେମ ନିବେଦନ କଲେ, ହେଲେ ଜିଜା ପ୍ରଥମେ ଅମଙ୍ଗ ଥିଲେ। କିନ୍ତୁ ପରେ ବାପ୍ପାଦିତ୍ୟଙ୍କ ଭଲପାଇବାକୁ ସ୍ୱୀକାର କରି ୨୦୧୩ରେ ଉଭୟ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ସେବେଠାରୁ ତାଙ୍କ ବୈବାହିକ ଜୀବନ ବେଶ୍ ଖୁସିରେ ବିତୁଛି। ୟା'ଭିତରେ ସେମାନେ ଏକ ଝିଅକୁ ପୋଷ୍ୟ ଭାବେ ଗ୍ରହଣ କରି ତା'ର ମା'ବାପା ହେବାର ସୌଭାଗ୍ୟ ମଧ୍ୟ ଅର୍ଜନ କରିସାରିଲେଣି।

**– ଅମ୍ବିତା ମିଶ୍ର**

*ତଥ୍ୟ ସହାୟତା: **ଅଭିଜିତ ଚନ୍ଦ୍ର, ଯଜ୍ଞେଶ୍ୱର ମହାନ୍ତି, ଭାସ୍କର ରାଉତରାୟ***


















**ପ୍ରେମର ଦିବସରେ ମନର ମଣିଷକୁ ଉପହାର ଦେବାକୁ ସମସ୍ତେ ଚାହାନ୍ତି । ଆଉ ସେହି ଉପହାର ଖାସ୍ ହେଉ ତାହା ବି ସମସ୍ତେ ଚାହାନ୍ତି । ସେଥିପାଇଁ ତ ଅନେକ ଟଙ୍କା ଖର୍ଚ୍ଚ କରି କିଣାଯାଏ ଦାମୀଦାମୀ ଉପହାର। ହେଲେ ବେଳେବେଳେ ସେହି ଉପହାର ଜିଣି ପାରି ନ ଥାଏ ମନ। କିନ୍ତୁ ଏଥର ଦାମୀ ନିର୍ଜୀବ ଉପହାର ବଦଳରେ ଦିଅନ୍ତୁ ଏହିସବୁ ସଜୀବ ପ୍ରେମଭରା ରୋମାଣ୍ଟିକ୍ ପ୍ଲାଣ୍ଟ। ଦେଖିବେ ପ୍ଲାଣ୍ଟ ବଢ଼ିବା ସହ ଆପଣଙ୍କ ପ୍ରେମ ବି ବଢ଼ି ଚାଲିବ..**

# ରୋମାଣ୍ଟିକ୍ ପ୍ଲାଣ୍ଟ

**ବ୍ଲିଡିଂ ହାର୍ଟ–** ଏହାର ଫୁଲ ଗୋଲାପୀ ରଙ୍ଗର, ସେ ପୁଣି ହାର୍ଟ ଶେପ୍‌ର। ଖାଲି ସେତିକି ନୁହେଁ ଏହି ଫୁଲ ଦେଖିବାକୁ ବ୍ଲିଡିଂ ହାର୍ଟ ବା ହୃଦୟରୁ ରକ୍ତ ବୋହିଲା ପରି। ତେଣୁ ଏହାକୁ ସବୁଠାରୁ ରୋମାଣ୍ଟିକ ପ୍ଲାଣ୍ଟ ଭାବେ ଗଣନା କରାଯାଏ। ବସନ୍ତ ଋତୁରେ ଫୁଟୁଥିବା ଏହି ଫୁଲ, ଗଛର ଶାଖାରେ ଲମ୍ବା ଲାଇନ୍ ହୋଇ ଫୁଟିଥାଏ। ଆଉ ବେଶ୍ ସୁନ୍ଦର ଦେଖାଯାଏ। ଏହା ଗୋଲାପୀ ଓ ଧଳା ମିଶ୍ରିତ ରଙ୍ଗରେ ଫୁଟିଥାଏ। କେତେକ ଗଛରେ କେବଳ ଧଳା ରଙ୍ଗର ଫୁଲ ବି ଫୁଟିଥାଏ। ଏହି ଗଛର ବେଶ୍ ଯତ୍ନ ନେବାକୁ ହୁଏ। ନିୟମିତ ପାଣି ଦେବା ସହ ଛାଇ ସ୍ଥାନରେ ରଖିବାକୁ ପଡେ।

**ହଟ୍ ଲିପ୍ସ–** ଓଠରେ ଲାଲ୍ ଲିପ୍‌ଷ୍ଟିକ କେତେ ରୋମାଣ୍ଟିକ୍ ଲାଗେ ଭାବିଲେ! ପ୍ରେମିକକୁ ତ ସବୁବେଳେ ପ୍ରେମିକାର ଲାଲ୍ ଓଠ ଆକର୍ଷିତ କରିଥାଏ। ତେଣୁ 'ଭାଲେଣ୍ଟାଇନ୍ସ ଡେ'ରେ ଲାଲ୍ ଓଠ ପରି ଦେଖାଯାଉଥିବା ଏହି ପ୍ଲାଣ୍ଟ ଉପହାରସ୍ୱରୂପ ଦେଲେ ବେଶ୍ ରୋମାଣ୍ଟିକ ଲାଗିବ। ଏହାର ବଟାନିକାଲ୍ ନେମ୍ ହେଉଛି ପାଲିକୌରିଆ ଇଲାଟା, କିନ୍ତୁ ଏହାର ପତ୍ର ଲାଲ୍ ଲିପଷ୍ଟିକ୍ ଲଗା ଓଠ ପରି ଦେଖାଯାଉଥିବାରୁ ଏହାକୁ 'ହଟ୍ ଲିପ୍ସ ପ୍ଲାଣ୍ଟ' ବି କୁହାଯାଏ। ଲାଲ୍ ରଙ୍ଗର ଦୁଇ ପତ୍ର ମଝି ଭାଗରେ ଫୁଟିଥାଏ ଏହାର ଫୁଲ।

**ହୋୟା କେରୀ–** ଏହି ପ୍ଲାଣ୍ଟର ପତ୍ର ପୂରାପୂରି ହାର୍ଟ ଶେପ୍‌ର ଅଟେ, ସେଥିପାଇଁ ଏହାକୁ 'ସୁଇଟ୍ ହାର୍ଟ' ପ୍ଲାଣ୍ଟ ବି କୁହାଯାଏ। ବଜାରରେ ଏହାର ମାତ୍ର ଗୋଟିଏ ମୋଟା ପତ୍ରକୁ ମାଟିରେ ପୋତି ବିକ୍ରି କରାଯାଇଥାଏ। ଏହାର ଯତ୍ନ ନେବା ବି ସହଜ। ପାଣି କମ୍ ଦେବାକୁ ପଡ଼େ। ଏହାକୁ ଅନେକେ 'ଲକି ହାର୍ଟ' ପ୍ଲାଣ୍ଟ ମଧ୍ୟ କହନ୍ତି। ୟୁରୋପରେ ତ 'ଭାଲେଣ୍ଟାଇନ୍ସ ଡେ'ରେ ଏହି ପ୍ଲାଣ୍ଟର ବହୁଳ ଚାହିଦା ଥାଏ। ତେଣୁ ଆପଣ ଚାହିଁଲେ ଏହାକୁ ମନର ମଣିଷକୁ ଉପହାରସ୍ୱରୂପ ଦେଇପାରିବେ। ଦେଖିବେ ସେ ନିଶ୍ଚୟ ଖୁସି ହୋଇଯିବେ।

**ହାର୍ଟସ୍ ଅନ୍ ଏ ଷ୍ଟ୍ରିଙ୍ଗ–** ଏହି ପ୍ଲାଣ୍ଟର ପତ୍ରଗୁଡ଼ିକ ମଧ୍ୟ ହାର୍ଟ ଆକୃତିର। ଲତା ଭଳି ମାଡୁଥିବା ଏହି ପ୍ଲାଣ୍ଟର ପତ୍ରଗୁଡ଼ିକୁ ଦେଖିଲେ ଲାଗେ ସତେଯେମିତି ହାର୍ଟର ଅନେକ ମାଳା ଝୁଲି ରହିଛି। ଘରଭିତରେ ଏହାକୁ ଲଗାଇବାକୁ ଚାହୁଁଥିଲେ ଏହାକୁ ପ୍ରଚୁର ଖରା ଆସୁଥିବା ଝରକା ପାଖରେ ରଖନ୍ତୁ।

**ଅନ୍ଥୁରିୟମ୍–** ଏହି ଗଛର ପତ୍ର ହାର୍ଟ ଶେପ୍‌ର ହେବା ସହ ଫୁଲ ବି ହାର୍ଟଶେପ୍‌ର। ଲାଲ, ବାଇଗଣୀ, ଧଳା, ଗୋଲାପୀ ରଙ୍ଗର ଫୁଲ ଫୁଟୁଥିବା ଅନ୍ଥୁରିୟମ୍ ପ୍ଲାଣ୍ଟ ବଜାରରେ ଉପଲବ୍ଧ ହୁଏ। ତେବେ ଭାଲେଣ୍ଟାଇନ୍ସ ଡେ' ଅବସରରେ ଆପଣ ଲାଲ୍ ଫୁଲ ଫୁଟୁଥିବା ଅନ୍ଥୁରିୟମ୍ ବାଛିପାରିବେ।

**ଗୋଲାପ–** ରୋମାଣ୍ଟିକ୍ ପ୍ଲାଣ୍ଟ ଭିତରେ ଗୋଲାପର ସ୍ଥାନ ଅନ୍ୟତମ। ଏହା ଯେତିକି ସୁନ୍ଦର ସେତିକି ସୁଗନ୍ଧ ଭରା। ଲାଲ ରଙ୍ଗର ଗୋଲାପକୁ ତ ପ୍ରେମର ପ୍ରତୀକ ବୋଲି କୁହାଯାଏ। ତେଣୁ ଭାଲେଣ୍ଟାଇନ୍ସ ଡେ'ରେ ଗୋଲାପ ଗଛଟିଏ ବି ଉପହାରସ୍ୱରୂପ ଦେଇପାରିବେ।

**ଡୋଭ୍ ଅର୍କିଡ–** ଧଳା ରଙ୍ଗର କପୋତ ବା ଡୋଭ୍ ପକ୍ଷୀକୁ ପ୍ରେମର ପ୍ରତୀକ ଭାବେ ଗଣନା କରାଯାଏ। ତେଣୁ 'ଡୋଭ୍ ଅର୍କିଡ୍' ପ୍ଲାଣ୍ଟକୁ ବି ଆପଣ ଭାଲେଣ୍ଟାନ୍ସ ଡେ' ପାଇଁ ବାଛିପାରିବେ। ଏହି ପ୍ଲାଣ୍ଟରେ ଫୁଟୁଥିବା ଫୁଲଟି ସତସତିକା କପୋତ ପରି ଦେଖାଯାଏ। ଲାଗେ ସତେ ଯେମିତି କୁନି ହଳଦିଆ ରଙ୍ଗର ଥଣ୍ଟ ଥିବା କପୋତଟିଏ ତା'ର ଧଳା ଡେଣାକୁ ମେଲାଇ ଉଡ଼ିବାକୁ ଉଦ୍ୟତ ହେଉଛି । ଏହି ଫୁଲ ଅର୍କିଡ ପ୍ରଜାତିର ଅଟେ। ମଧ୍ୟ ଆମେରିକାରୁ ଆରମ୍ଭ କରି ଭେନେଜୁଏଲା ଏବଂ ଇକ୍ୱେଡର ପର୍ଯ୍ୟନ୍ତ ଏହା ଦେଖିବାକୁ ମିଳେ।

**ହାର୍ଟ ଫର୍ନସ୍–** ଏହି ପ୍ଲାଣ୍ଟର ପତ୍ର ହାର୍ଟ ଶେପ୍‌ର ଅଟେ। ଏହା ଦୀର୍ଘ ଦିନ ପର୍ଯ୍ୟନ୍ତ ସବୁଜ ଓ ସତେଜ ରହେ। ହାର୍ଟ ଫର୍ନସ୍ ଏକ ଭଲ ଇନ୍‌ଡୋର୍ ପ୍ଲାଣ୍ଟ । ତେଣୁ ଏହାକୁ ମଧ୍ୟ ଭାଲେଣ୍ଟାଇନ୍ସ ଡେ'ରେ ଉପହାର ଭାବେ ଦେଇପାରିବେ।

# ଅନ୍ତରଙ୍ଗତାର ଅନ୍ୟଏକ ନାଁ
# ମାନମୟୀ-ପବିତ୍ର



ପ୍ରେମ ତାଙ୍କ ସମ୍ପର୍କ ଗଢ଼ିଛି, ବିଶ୍ୱାସ ସେମାନଙ୍କୁ ଜିଇଁବା ଶିଖେଇଛି। ଆଉ ପରସ୍ପର ପ୍ରତି ସମ୍ମାନ ତାଙ୍କୁ ଅଧିକରୁ ଅଧିକ ନିକଟତର କରି ଆଗକୁ ଆଗକୁ ଚାଲିବା ଶିଖେଇଛି, ଯେଉଁଥିପାଇଁ ଉଭୟ ଉଭୟଙ୍କ ଅସ୍ତିତ୍ୱକୁ ଖୁବ୍ ସୁନ୍ଦର ଭାବରେ ସ୍ୱୀକାର କରିଛନ୍ତି...

**ଜ**ଣେ ସମୁଦ୍ର ଭଳି ପ୍ରଶାନ୍ତ ଗଭୀର ଆଉ ଜଣେ ପାହାଡ଼ି ଝରଣା ପରି ଛଳଛଳ ଚଞ୍ଚଳ। ଜଣେ ପଥର ଭଳି ଦୃଢ଼ ଏବଂ ଶକ୍ତ ଆଉ ଜଣେ ମହମ ଭଳି କଠିନ ଆବରଣ ତଳେ ସରଳ ତରଳ। ଜଣଙ୍କୁ ପତ୍ନୀଙ୍କ ଖିଆଲୀ ଗୁଣଟି ଭଲ ଲାଗୁଥିବାବେଳେ ଆଉ ଜଣେ କୁହନ୍ତି ପତିଙ୍କ ଶୃଙ୍ଖଳିତ ଓ ବ୍ୟବସ୍ଥିତ ବ୍ୟକ୍ତିତ୍ୱ ତାଙ୍କୁ ଆକର୍ଷିତ କରେ। ଜଣେ କବିତା, ପ୍ରବନ୍ଧ, ଉପନ୍ୟାସରେ କଲମ ଚାଳନା କରି ପ୍ରତିଷ୍ଠିତ ଥିବାବେଳେ ଅନ୍ୟ ଜଣେ ଉଭୟ ଲେଖା ଏବଂ ଚିତ୍ରରେ ନିଜ ପାଇଁ ଏକ ସ୍ୱତନ୍ତ୍ର କ୍ଷେତ୍ର ପ୍ରସ୍ତୁତ କରିଛନ୍ତି। ଉଭୟେ ସୃଜନଶୀଳ। ଜଣେ ଯୁବମାନସରେ ସ୍ୱପ୍ନ ଓ ଭବିଷ୍ୟତକୁ ଶିକ୍ଷାର ସ୍ପର୍ଶ ଦେଇ ଗଢୁଥିଲାବେଳେ ଆଉ ଜଣେ ଛୋଟ ଛୋଟ ପିଲାଙ୍କ ଭବିଷ୍ୟତ ତିଆରି କରୁଥାନ୍ତି ବିଭିନ୍ନ ପରୀକ୍ଷା ନିରୀକ୍ଷାରେ। ଉଭୟେ ଶିକ୍ଷାଦାନକୁ ବୃତ୍ତି ଭାବରେ ଗ୍ରହଣ କରି ନିଜ ନିଜ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଛନ୍ତି। କିନ୍ତୁ ଅଧିକ ପ୍ରସିଦ୍ଧି ମିଳିଛି ତାଙ୍କୁ ସୃଜନଶୀଳତାରେ। ତେବେ ସବୁଠୁ ବଡ଼ ପରିଚିତି ତାଙ୍କର ସଚ୍ଚା ଜୀବନସାଥୀ ଭାବରେ। ଏ ଦୁଇଜଣ ହେଲେ ଅଧ୍ୟାପକ, କବି, ପ୍ରାବନ୍ଧିକ, ଔପନ୍ୟାସିକ ପବିତ୍ର ମୋହନ ଦାଶ ଓ ତାଙ୍କ ପତ୍ନୀ କବି, ଗାଳ୍ପିକା, ଚିତ୍ରକର ଓ ଶିକ୍ଷୟିତ୍ରୀ ମାନମୟୀ ରଥ। ପବିତ୍ର ଓ ମାନମୟୀଙ୍କର ପ୍ରେମ କାହାଣୀ ଯେତିକି ମିଠା ସେତିକି ରୋମାଞ୍ଚକର। ପୁରୀରେ ଗାଳ୍ପିକ ବିଜୟକୃଷ୍ଣ ମହାନ୍ତିଙ୍କ ବାସଭବନରେ ଭଡ଼ାନେଇ ରହୁଥିବା ମାନମୟୀ ଆଇନ ପଢ଼ିବା ସଙ୍ଗେ ସଙ୍ଗେ ସ୍ୱାବଲମ୍ବୀ ହେବା ଲାଗି ଏକ ଶୈକ୍ଷିକ ପ୍ରକାଶନୀ ସଂସ୍ଥାରେ କାମ କରୁଥିଲେ, ଯେଉଁ ସମୟରେ କି ପବିତ୍ର ନିଜ ଭାଇ ଭଉଣୀଙ୍କ ମୁରବି ହୋଇ ଲବଣୀଖିଆ ଛକର ନୂଆମଠରେ ରହୁଥିଲେ। ପାଖାପାଖି ରହୁଥିଲେ, ଉଭୟଙ୍କର ସାହିତ୍ୟରେ ରୁଚି ଥିଲା, ତଥାପି କେହି କାହାକୁ ଦେଖି ନ ଥିଲେ। ବିଜୟକୃଷ୍ଣ ମହାନ୍ତିଙ୍କଠାରୁ ପବିତ୍ରଙ୍କ ଲେଖା ଓ ବ୍ୟକ୍ତିତ୍ୱ ସମ୍ପର୍କରେ ଶୁଣି ଶୁଣି ତାଙ୍କ ପ୍ରତି ଆକର୍ଷିତ ହୋଇ ପଡ଼ିଥିଲେ ମାନମୟୀ। ଆଉ ପ୍ରତିଦିନ ତାଙ୍କ ପାଇଁ ଲେଖି ଚାଲିଥିଲେ ଚିଠି। ହେଲେ ଜାଣି ନ ଥିଲେ ସେ କେତେ ବୟସର ବା ଦେଖିବାକୁ କେମିତି। ଥରେ ବିଜୟକୃଷ୍ଣ ବାବୁ କହିଲେ ପବିତ୍ର ବାବୁ ତାଙ୍କ ଘରକୁ ଆସିଛନ୍ତି। କେବଳ ତାଙ୍କ ଚପଲ ଦେଖି ଫେରି ଆସିଥିଲେ ମାନମୟୀ। ଆଉ ସେମିତି ଥରେ ଦି ଥର ଯେବେ ପବିତ୍ରଙ୍କର ଚପଲ ଦେଖି ଜାଣନ୍ତି ଯେ ପବିତ୍ର ଆସିଛନ୍ତି, କିନ୍ତୁ ସାହସ କରି କେବେ ସାମ୍ନାକୁ ଯାଇ ନ ଥିଲେ। ଥରେ ବିଜୟକୃଷ୍ଣ ବାବୁ ଡାକିଲେ ମାନମୟୀଙ୍କୁ ପବିତ୍ରଙ୍କ ସହ ଦେଖା କରାଇବା ପାଇଁ। ପ୍ରଥମ ଦେଖାରେ ହିଁ ସେ ଜାଣିଲେ ତାଙ୍କ ଚିଠିର ନାୟକ ଥିଲେ ୨୪-୨୫ ବର୍ଷର ଜଣେ ଯୁବକ। ତାଙ୍କ ନିର୍ଭୀକତା ଓ ଜ୍ଞାନ, ମାନମୟୀଙ୍କୁ ମୁଗ୍ଧ କରିଥିଲା। ତାପରେ ଚିଠିର ସଂଖ୍ୟା ବୃଦ୍ଧି ପାଇଲା। ଅଧିକ ହେଲା ପବିତ୍ରଙ୍କୁ ପଢ଼ିବାର, ଜାଣିବାର ଆଗ୍ରହ। ମାନମୟୀଙ୍କର ଏହି ଗୋପନ ଅନୁଭବ ସମ୍ପର୍କରେ ଅଜଣା ଥିବା ପବିତ୍ର ବିସ୍ମିତ ହୋଇଥିଲେ ମାନମୟୀଙ୍କ ସବୁ ଚିଠିକୁ ଏକାଠି ଦେଖି। ମାନମୟୀ କୁହନ୍ତି ଯଥେଷ୍ଟ ସାହସ ସଞ୍ଚୟ କରି ଚିଠିତକ ତାଙ୍କୁ ଦେଇଦେଲି ସିନା ସିଏ କିନ୍ତୁ ନିରୁତ୍ତର ରହିଲେ ଦୀର୍ଘଦିନ। ତାଙ୍କ ଅଣଦେଖା ମାନମୟୀଙ୍କ ଅହଙ୍କାରକୁ ଭାରି ବାଧିଥିଲା। ଥରେ ଦେଖା କରିଥିଲେ ପବିତ୍ରଙ୍କ ସହ। ଏଭଳି ହାଲ୍‌କା ଫୁଲ୍‌କା ପ୍ରେମ ପାଇଁ ଆଗ୍ରହ ନ ଦେଖାଇ ସିଧାସଳଖ ମନା କରିଦେଇଥିବା ପବିତ୍ର, ଚିଠି ଭଲ ଲେଖିଛ ବୋଲି କହିଥିଲେ। ପବିତ୍ରଙ୍କ ମନା କରିବା ମାନମୟୀଙ୍କୁ ଅଧିକରୁ ଅଧିକ ପବିତ୍ରମନସ୍କ କରିଥିଲା। ସତକଥା କହିଲେ ପବିତ୍ର ବି ସେତେବେଳକୁ ମାନମୟୀଙ୍କୁ ଭଲ ପାଇ ବସିଥିଲେ କିନ୍ତୁ ପରିବାରର ଦାୟିତ୍ୱବୋଧ ତାଙ୍କୁ ମୁହଁ ଖୋଲିବାକୁ ଦେଉ ନ ଥିଲା। ପବିତ୍ର କୁହନ୍ତି, ସମାଜର ଗତାନୁଗତିକ ଶୃଙ୍ଖଳାକୁ ବେଖାତିର କରି ମାନମୟୀ ସବୁବେଳେ ଦୃଢ଼ ହୋଇ ଠିଆ ହୁଅନ୍ତି ଆଉ ଅସମ୍ଭବ ଜିଦ୍ ଓ ପ୍ରଚଣ୍ଡ ଇଚ୍ଛାଶକ୍ତିକୁ ନେଇ ଯେକୌଣସି ସମସ୍ୟା ସହ ଲଢ଼ିପାରନ୍ତି, ଯାହା ତାଙ୍କୁ ଖୁବ୍ ଭଲ ଲାଗେ। ମାନମୟୀଙ୍କର ବେହିସାବୀ ମନକୁ ଆର୍ଟିଷ୍ଟିକ ବୋଲି ପବିତ୍ର କହୁଥିଲାବେଳେ ପବିତ୍ରଙ୍କ ନୈତିକତା, ଶୃଙ୍ଖଳା ଓ ଜିଗୀଷାକୁ ମାନମୟୀ ଆଧ୍ୟାତ୍ମିକ ବୋଲି କୁହନ୍ତି। ଆଉ ଏକଥା ବି କହନ୍ତି ମୋର ବ୍ୟକ୍ତିସତ୍ତାକୁ ଯଥେଷ୍ଟ ସମ୍ମାନ ଦେଇ ମୋର ପାରିଲାପଣ ଏବଂ ସୀମିତତାକୁ ଚିହ୍ନେଇ ଦେଉଥିବା ବନ୍ଧୁଜଣଙ୍କ ହିଁ ପବିତ୍ର। ଆଉ ପବିତ୍ର କୁହନ୍ତି ମୁଁ ଅଧିକରୁ ଅଧିକ ଲେଖେ ଏବଂ ଖୁସି ହୁଏ ବୋଲି ସଫଳ/ଅସଫଳ ଚେଷ୍ଟା କରୁଥିବା ମଣିଷଟି ହେଉଛି ମୋ ପତ୍ନୀ।

ପରସ୍ପର ପ୍ରତି ଥିବା ପ୍ରେମ ସେମାନଙ୍କୁ ଅଧିକରୁ ଅଧିକ ଗଢ଼ିଛି। ଅଧିକ ଜୀବନମନସ୍କ କରିଛି ବୋଲି ଦୁହେଁ କୁହନ୍ତି। ପ୍ରେମରେ ପାଞ୍ଚ ବର୍ଷ ରହି ପରସ୍ପରର ସାମାଜିକ ଏବଂ ମାନସିକ ଶକ୍ତିକୁ ବୁଝି ଜୀବନ ସଂଗ୍ରାମରେ ଉପଯୋଗ କଲା ପରେ ଫେବୃଆରୀ ପନ୍ଦର ୨୦୦୦ରେ ଉଭୟ ବିବାହ ବନ୍ଧନରେ ବାନ୍ଧିହୋଇଥିଲେ। ସେହି ସମୟରେ ମାନମୟୀ ବୌଦ୍ଧରେ ଏକ ବେସରକାରୀ ଶିକ୍ଷାନୁଷ୍ଠାନକୁ ନିଜ ସ୍ୱପ୍ନର ସ୍କୁଲ ଭାବରେ ଗଢୁଥିଲାବେଳେ ପବିତ୍ର ଗାଁ ପାଖ ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟାପନା କାର୍ଯ୍ୟ ଜାରି ରଖିଥିଲେ। ତିନିଶହ କିଲୋମିଟର ଦୂରତାରେ ଥିଲେ ମଧ୍ୟ ପରସ୍ପରର ବେଶ୍ ନିକଟତର ଥିଲେ ସେମାନେ ଦୁଇଜଣ। ତେବେ ଜୀବନଧାରଣ ପ୍ରକ୍ରିୟାଟି ଏତେ ସହଜ ନଥିଲା ଉଭୟଙ୍କର। କୌଣସି କଥା ସହଜରେ ହେଉ ନ ଥିବା ପବିତ୍ରଙ୍କ ଜୀବନରେ ମାଡ଼ି ଆସିଲା ଦୁର୍ଦ୍ଦିନ। ପାରିବାରିକ ଦାୟିତ୍ୱ ନ ସରୁଣୁ ପବିତ୍ର ଦୁରାରୋଗ୍ୟ କର୍କଟ ରୋଗରେ ପୀଡ଼ିତ ହେଲେ। ପ୍ରଚଣ୍ଡ ଇଚ୍ଛାଶକ୍ତି ଏବଂ ଈଶ୍ୱର ବିଶ୍ୱାସ ପବିତ୍ରଙ୍କୁ ବିଜୟୀ କଲା। ସ୍ୱପ୍ନର ଅନୁଷ୍ଠାନଟିକୁ ଗଢ଼ିବା ପଛରେ ଥିବା ପବିତ୍ରଙ୍କ ଅନ୍ତଃପ୍ରେରଣା ଆଉ ରୋକି ପାରି ନ ଥିଲା ମାନମୟୀଙ୍କୁ। ଚାକିରି ଛାଡ଼ି ପବିତ୍ରଙ୍କ ସହ ଶେଷରେ ଗାଁକୁ ଫେରି ଆସିଲେ ତାଙ୍କ ପାଖରେ ରହିବା ପାଇଁ। ଅନେକ ସମସ୍ୟା ଆସିଛି, ତା'ପରେ କିନ୍ତୁ ଉଭୟଙ୍କ ପରସ୍ପର ପ୍ରତି ଥିବା ଆସ୍ଥା ଏବଂ ଭଲପାଇବା କେଉଁ ପରିସ୍ଥିତିରେ ହାରିଯିବାକୁ ଦେଇନି ଉଭୟଙ୍କୁ। ପରସ୍ପରର ଦୋଷ ଦୁର୍ବଳତାକୁ ଦେଖି ଆକଟ କରିବା ପରିବର୍ତ୍ତେ ଅଧିକରୁ ଅଧିକ ଭଲପାଇବା ଏବଂ ବିଶ୍ୱାସ ଦେଇ ସମ୍ପର୍କକୁ ଆହୁରି ଦୃଢ଼ କରିବାରେ ବିଶ୍ୱାସ ରଖନ୍ତି ଉଭୟେ।

**-ରୋଜାଲିନ ମହାନ୍ତି**











# ସେ ଆଉ ମୁଁ

**-ଦୁଷ୍ମନ୍ତ କୁମାର ବେହେରା**

ଚାରିଆଡ଼େ କିଟିମିଟି ଅନ୍ଧକାର। କେବଳ ଝିଙ୍କାରୀର ଝୀଂ ଝୀଂ ଶବ୍ଦ। ହେଲେ ଆମ ଦୁହିଁଙ୍କୁ କିଛି ଶୁଭୁ ନ ଥାଏ। ଛାତ ଉପରେ ସେ ଆଉ ମୁଁ। ରାତି ୧୦ଟାରୁ କେମିତି ୩ଟା ୧୫ ବାଜିଗଲା କିଛି ଜଣାପଡ଼ିଲାନି। ହଠାତ୍ ସେ ମୋତେ ଏତେ ଜୋରରେ ଭିଡି ଧରିଲା ଯେ....
କିଛି ସମୟ ପରେ..
ସେ – ଡେରି ହେଲାଣି ଆଉ ଜିଦି କରନି ପ୍ଲିଜ। ଆଗ ତୁମେ ଯାଅ ତା' ପରେ ଯାଇ ମୁଁ ଯିବି ....
ମୁଁ – ଜମା ନୁହଁ।
ସେ – ବେଶି ଜିଦି କରିବା ଭଲ ନୁହଁ। କହିଲି ପରା ତୁମେ ଗଲା ପରେ ଯାଇ ମୁଁ ଯିବି ।
ମୁଁ – ହେ ନା ମ, ଜମା ନୁହଁ ।
ତୁମକୁ ଅଧା ବାଟରେ ଏକୁଟିଆ ଛାଡ଼ିଦେଇ
କେମିତି ଚାଲିଯିବି ଯେ ...
ସେ – (ମୋ ପାଟିରେ ହାତ ଦେଇ କହିଲା) ଆଜି କହିଲ ଆଉ କେବେ ଏମିତି ଚାଲିଯିବା କଥା ମୁହଁରେ ଧରିବନି । ଏତକ କହି ଆହୁରି ଜୋରରେ ଭିଡ଼ି ଧରିଲା ମତେ....
(ଆଖିରୁ ଠପ୍ ଠପ୍ ହୋଇ ଝରୁଥିଲା ଲୁହ ତା'ର ବି ମୋର ବି )

**-ଯଶୀପୁର, ମୟୂରଭଞ୍ଜ**
**ମୋ:୯୪୩୭୮୭୯୧୩୧**

# ତୁ ଆଉ ମୁଁ

**-ବିପ୍ଳବ**

ତୁ ସୋରିଷ ଫୁଲିଆ
ଆଉଟା ସୁନାର କ୍ଷେତ
ମୁଁ ଅନ୍ଧ ମହୁମାଛି
ଗୁଣୁ ଗୁଣୁ ମିଠା ଗୀତ।
ତୁ ଭିଜା କାକରର
ଆଞ୍ଜୁଳେ ସୁନେଲି ହସ
ମୁଁ ନୂଆ ଫଗୁଣର
ହାବୁକାଏ ମିଠା ଧାସ।

**-ମକୁନ୍ଦପୁର, ବାଙ୍କୀ**
**ମୋ: ୯୪୩୭୪୬୮୦୧୬**



# ଅନୁରାଗ

**-ନିବେଦିତା ନନ୍ଦ**

କେଜାଣି କ'ଣ ଥିଲା ରତୁ
ଭିନ୍ନ ଥିଲା ସମୟର ଆମନ୍ତ୍ରଣ
କିଛି ଝରୁଥିଲା ତୁମ ଆଖିରୁ
ଭିଜୁଥିଲା ମୋ ଦେହ
କିଛି ମାଟି ଛୁଇଁ
ବାସୁଥିଲା ମହ ମହ।

ଏ ଶେଷ ଶୀତର କ'ଣ କମ୍ ବହପ !
କୁଢ଼େଇ ଦିଏ ଅସଂଖ୍ୟ ଅନୁରଣନ
ସାଇତେ ଅଭିମାନ
ନାଁ ନ ଥିବା ଧୂନ ପରି
ସନ୍ତର୍ପଣରେ ସଞ୍ଚାରେ ଉତ୍ତାପ।

ସତରେ ଅଧିର ଏ ମଳୟ
ବିଞ୍ଚିଦିଏ ଆତୁରତା
ଘୁମନ୍ତ ଲୋମକୂପ ଖୋଜି ଖୋଜି
ରୂପଦିଏ,ରଙ୍ଗଭରେ
ନାହିଁ ନାହିଁ କହୁ କହୁ
ତ୍ରସ୍ତ ପାପୁଲିରେ ଭରି ଦିଏ
ଅନୁରାଗର ଅବିର।

**-ବି/ଏମ୍-୪୦, ବାସନ୍ତୀ କଲୋନୀ**
**ରାଉରକେଲା-୧୨**
**ମୋ:୮୨୪୯୪୪୨୫୭୩**

# ପ୍ରେମ

**-ଭରତ ଚନ୍ଦ୍ର ଦାଶ**

ପ୍ରେମମୟ ବିଶ୍ୱ ପ୍ରେମହୀନ ନିଃସ୍ୱ
ପ୍ରେମ ଯେ ଜୀବନ ଧାରା
ଯା ହୃଦୟେ ପ୍ରେମ ଜୀବନ ଅପ୍ରେମ
ସଂସାର ଅସାର ପରା।

ତୁମେ ଯେଉଁମାନେ ପ୍ରେମ ହାତ ଧରି
ସଂସାରେ ହା ହୁତ୍ସା କର
ଦେଖିଯାଅ ଥରେ ପ୍ରେମ ମୋତେ ଧରି
ସଂସାରେ କରିଛି ଘର।

ପ୍ରେମ ଦିବସରେ ନାହିଁ ଟିକେ ପ୍ରେମ
କେବଳ କାମରେ ଭରା
ଦେହ ସୁଖ ଲାଗି କାମିନୀ କାମନା
ଜୀବନ ଦିଅନ୍ତି ପରା।

ପ୍ରେମେ ଉତ୍ତରୀତ ଜୀବନ ସରିତ
ପ୍ରୀତି ସ୍ରୋତସ୍ୱିନୀ ବହେ
ନରରୁ ନାରାଣ ପ୍ରେମେ ଉତ୍ତରଣ
ସବୁରି ପରାଣ ଦହେ।

**-ମାର୍କୋଣା,ବାଲେଶ୍ୱର**
**ମୋ: ୯୪୩୭୩୭୨୧୬୬**

# ସମ୍ବୋଧନ

**-ଡା. ସରୋଜିନୀ ଷଡଙ୍ଗୀ**

ଦ୍ରାକ୍ଷାଲତାର ମଧୁର କୁଞ୍ଜ ତଳୁ
ଲୟଲାର ଡାକ ଆଉ ଭଲ ଲାଗେ
ନାହିଁ
ଭଲ ଲାଗେ ନାହିଁ ସବୁବେଳେ
ତମ ଆଦରର ପ୍ରିୟତମା
ଡ୍ରଇଁ ରୁମର କୁସନ ଚେୟାର
କୋଳୁ
ଇଚ୍ଛା ମୋ ହୁଏ
ତୁମେ ଖାଲି ମତେ
ସନ୍ଦେହ ଥରେ କର
ସନ୍ଦେହ କର ଆହୁରି ନିବିଡ଼ କରି
କଳାବୁର୍ଖାର ଅନ୍ତରାଳେ
ବନ୍ଦିନୀ ମତେ କର
ବନ୍ଦି କର ମୋ ରୂପସୀ ଦେହର
ଛାଇ।

**-ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ**
**ଲିଙ୍କରୋଡ, କଟକ-୧୨**
**ମୋ: ୯୪୩୭୦୫୫୦୦୭**



# ଏଥର ଡବଲ୍ ରୋଲ୍‌ରେ



ସାରା

ସୈଫ ତନୟା ସାରା ଅଲ୍ଲୀ ଖାଁ ଟିକେ ଦୋଛକିରେ ପଡିଯାଇଛନ୍ତି। ଏପଟେ ବଲିଉଡ୍‌ରେ ଏଣ୍ଟ୍ରି କରିବାର ବର୍ଷ କେଇଟା ମାତ୍ର ହୋଇଛି। ପୁଣି ଠିକ୍ ଏତିକି ବେଳକୁ ତାଙ୍କୁ ଡବଲ୍ ରୋଲ୍‌ରେ ଅଭିନୟ କରିବାକୁ ଅଫର ମିଳିଛି। ଯଦିଓ ଭୂମିକାଦ୍ୱୟ ତାଙ୍କୁ ବେଶ୍ ପ୍ରଭାବିତ କରିଛି ହେଲେ ତାହାକୁ କିପରି ତୁଲାଇବେ ସେ ନେଇ ଟେନ୍‌ସନ୍‌ରେ ଅଛନ୍ତି ସେ। ନିଜର ଏପରି ଭୂମିକା ବିଷୟରେ ସାରା କହନ୍ତି, ‘ଟାଇଟଲ ଫାଇନାଲ ହୋଇ ନ ଥିବା ଏହି ଫିଲ୍ମରେ ମୋତେ ଦୁଇଟି ଭୂମିକା ମିଳିଛି। ଜଣେ ଝିଅ ମର୍ଡଣ୍ଡ ଗର୍ଲ ଏବଂ ଅନ୍ୟ ଝିଅଟି ସାଦାସିଧା ଗାଉଁଲି। ତେବେ ଏପରି ରୋଲ୍ ଦ୍ୱୟକୁ ବେଶ୍ ସତର୍କତାର ସହ ତୁଲାଇବାକୁ ପଡିବ। କେବଳ ସେତିକି ନୁହେଁ, ଏଥିପାଇଁ ମୋତେ ମାନସିକ ସ୍ତରରେ ମଧ୍ୟ ପ୍ରସ୍ତୁତ ହେବାକୁ ପଡିବ। ପ୍ରଥମେ ଭାବୁଥିଲି ଏହି ଫିଲ୍ମରେ ଅଭିନୟ କରିବାକୁ ମନା କରିବି, ହେଲେ ପରେ ଚିନ୍ତା କଲି ଯେ, ଏହାକୁ ମୁଁ ଏକ ରିସ୍କ ଭାବରେ ନେବି।’ ତେବେ ଡବଲ ରୋଲ୍‌ରେ ସାରା ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛନ୍ତି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡିବ।

# ଓକିଲାତି କରିବେ ଅଜୟ



ଅଜୟ ଦେବଗନ

ଅଜୟ ଦେବଗନ ଏବେ ଓକିଲାତି କରିବେ। କଳା କୋର୍ଟ ପିନ୍ଧି ଜଜ୍‌ଙ୍କ ସାମ୍ନାରେ ବିଚାରାଧୀନ କେସ୍ ବିଷୟରେ ନିଜର ପକ୍ଷ ରଖିବେ। ହେଲେ ତାଙ୍କୁ ଏପରି ଭୂମିକାରେ ରିଲ୍ ଲାଇଫରେ ଦେଖିବାକୁ ମିଳିବ। ଅର୍ଥାତ୍ ସେ ଅଭିନୟ କରୁଥିବା ନୂଆ ହିନ୍ଦୀ ସିନେମା ‘ମେ’ ଡେ’ରେ ତାଙ୍କୁ ଏପରି ଓକିଲ ଭୂମିକା ମିଳିଛି। ଖାସ୍ କଥା ହେଲା ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଅଜୟ ଦେବଗନ୍ ନିଜେ ଦେବା ସହ ମୁଖ୍ୟ ଚରିତ୍ରରେ ଅଭିନୟ ବି କରୁଛନ୍ତି। ଏହାର ଶୁଟିଂ ଏବେ ମୁମ୍ବାଇର ବିଭିନ୍ନ ଅଞ୍ଚଳରେ କୋଭିଡ୍ ଗାଇଡ୍ ଲାଇନ ପାଳନ କରି ଚାଲୁ ରହିଛି। କେବଳ ଅଜୟ ନୁହଁନ୍ତି ଏହି ଫିଲ୍ମରେ ଅମିତାଭ ବଚ୍ଚନ, ରକୁଲ୍‌ପ୍ରୀତ ସିଂଙ୍କୁ ମଧ୍ୟ ଦେଖିବାକୁ ମିଳିବ। ‘ମେ’ ଡେ’କୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଅଜୟ। କାରଣ ୨୦୧୬ରେ ତାଙ୍କ ନିର୍ଦ୍ଦେଶନାରେ ରିଲିଜ ହୋଇଥିବା ‘ଶିବାୟ’ ଆଶାନୁରୂପ ବିଜନେସ କରି ନ ଥିଲା। ତେବେ ଅଜୟଙ୍କ ନିର୍ଦ୍ଦେଶିତ ଦ୍ୱିତୀୟ ସିନେମା ବକ୍ସ ଅଫିସରେ କେତେ ସଫଳ ହେଉଛି ତାହା ଦେଖିବାକୁ ବାକି ରହିଲା।

# ଆଠ ବର୍ଷ ପରେ...



ଅର୍ଜୁନ

ଦୀର୍ଘ ଆଠ ବର୍ଷ ପରେ ଏହି ଯୋଡି ପୁଣି ଥରେ ବଡ ପରଦାରେ ଏକାଠି ହେବେ। ସେ ଦୁହେଁ ହେଲେ ଅର୍ଜୁନ ରାମପାଲ ଏବଂ କୋଙ୍କଣା ସେନଶର୍ମା। ୨୦୧୩ରେ ରିଲିଜ ହୋଇଥିବା ବିନୋଦ ମିତ୍ରଙ୍କ ଆନ୍ଥୋଲୋଜି ଫିଲ୍ମ ‘ମେରିଡିଆନ୍ ଲାଇନ୍‌ସ’ରେ ଅର୍ଜୁନ-କୋଙ୍କଣା ଆକ୍ଟିଂ କରିଥିଲେ। ଆଉ ଏବେ ପୁଣି ଥରେ ଆଉ ଏକ ସିନେମାରେ ଏକାଠି ସ୍କ୍ରିନ୍ ସେୟାର କରିବାକୁ ଯାଉଛନ୍ତି ଯାହାର ଟାଇଟଲ ରହିଛି ‘ଦ ରେପିଷ୍ଟ’। ଖାସ୍ କଥା ହେଲା, ଏହାର ନିର୍ଦ୍ଦେଶନା ଦେବେ ବିଶିଷ୍ଟ ନିର୍ଦ୍ଦେଶିକା ତଥା କୋଙ୍କଣାଙ୍କ ମା’ ଅପର୍ଣ୍ଣା ସେନ୍। ଆଜିର ସମାଜରେ ଦିନକୁ ଦିନ ରେପିଷ୍ଟ (ବଳାତ୍କାରୀ)ଙ୍କ ସଂଖ୍ୟା ବଢ଼ିଚାଲିଛି କହିଲେ ଭୁଲ ହେବ ନାହିଁ। ଏପରି ଏକ ସମ୍ବେଦନଶୀଳ ବିଷୟବସ୍ତୁକୁ ନେଇ ଅପର୍ଣ୍ଣା ଫିଲ୍ମଟିକୁ ନିର୍ମାଣ କରିବେ। ଆପଲଜ୍ ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି ଏବଂ ଏହାର ଶୁଟିଂ ଆସନ୍ତା ମାସ ଅର୍ଥାତ୍ ମାର୍ଚ୍ଚରୁ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ନିର୍ଦ୍ଦେଶିକା।

# ଅଫର୍‌କୁ ଅପେକ୍ଷା



ପ୍ରିୟଙ୍କା

ହଲିଉଡ୍‌ରେ ମୁହଁ ଦେଖାଇବା ପରେ ପ୍ରିୟଙ୍କା ଚୋପ୍ରା ବଲିଉଡ୍‌ଠାରୁ ପ୍ରାୟ ଦୂରେଇ ଯାଇଛନ୍ତି। ହେଲେ ପୁଣି ଥରେ ହିନ୍ଦୀ ସିନେମାରେ ଅଭିନୟ କରିବାକୁ ସତେ ଯେମିତି ସେ ଚାହିଁ ବସିଛନ୍ତି। ନିକଟରେ ନିଜ କ୍ୟାରିୟର ବିଷୟରେ କହୁ କହୁ ସେ ବଲିଉଡ୍ ଉପରେ ବେଶ୍ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ, ‘ମୁଁ ଏବେ ହଲିଉଡ୍‌ରେ ସକ୍ରିୟ ଅଛି। ହଲିଉଡ୍ ଚଳଚ୍ଚିତ୍ର –‘ଟେକ୍ସଟ୍ ଫର୍ ୟୁ’ ଏବଂ ‘ମାଟ୍ରିକ୍ସ-୪’ରେ ଅଭିନୟ କରୁଛି। ହେଲେ ମୁଁ ବଲିଉଡ୍‌କୁ ତ ଗୁଡବାୟ କହିନି। ଅବଶ୍ୟ ୟା ଭିତରେ କେତୋଟି ଅଫର୍ ମୋତେ ମିଳିଥିଲା। ହେଲେ ମୋ ହାତରେ ସମୟ ନ ଥିଲା ତେଣୁ ବାଧ୍ୟ ହୋଇ ଅଫର ଦୁଇଟିକୁ ହାତଛଡା କରିଛି। ଖୁବ୍ ଶୀଘ୍ର ହିନ୍ଦୀ ସିନେମା ପାଇଁ ସ୍ୱେଶାଲ ସମୟ ବାହାର କରିବି। କାରଣ ଏଇଠୁ ହିଁ ମୋର କ୍ୟାରିୟର ଆରମ୍ଭ। ତେଣୁ ମୋର ବଲିଉଡ୍ ପ୍ରଶଂସକଙ୍କୁ ମୁଁ କେବେ ନିରାଶ କରିପାରିବି ନାହିଁ। ଗତ କିଛି ବର୍ଷ ମଧ୍ୟରେ ମୁଁ କେତୋଟି ଭଲ ତଥା ବଡ ବ୍ୟାନରରେ ନିର୍ମିତ ହେଉଥିବା ସିନେମାକୁ ହାତଛଡା କରିଛି। କାରଣ ତା’ ବ୍ୟତୀତ ମୋ ପାଖରେ ଆଉ କିଛି ଉପାୟ ନ ଥିଲା।’ ପ୍ରିୟଙ୍କା ଅଭିନୟ କରିବାକୁ ଥିବା ହଲିଉଡ୍ ସିନେମା ‘ଟେକ୍ସଟ୍ ଫର୍ ୟୁ’ରେ ସାମ୍ ହ୍ୟୁଗହାନ୍ ଓ ସେଲିନ ଡିଓନ୍ ଅଭିୟନ କରିବାକୁ ଥିବା ବେଳେ ‘ମାଟ୍ରିକ୍ସ-୪’ରେ କିଆନୁ ରିଭ୍‌ସ, କେରି ଆନେ ମସ୍‌ଙ୍କୁ ଦେଖିବାକୁ ମିଳିବ।

# ଖୋଜିଲା ଚିଜ ମିଳିଗଲା

କଥାରେ ଅଛି-ଏମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ଆଲବମ କୁଇନ୍ ରାନୀ ପ୍ରିୟଦର୍ଶିନୀ ଯାହା ଖୋଜୁଥିଲେ ସେହି ଜିନିଷ ଯେ ଏତେ ଶୀଘ୍ର ତାଙ୍କୁ ମିଳିଯିବ ତାହା ସେ ବିଶ୍ୱାସ କରିପାରୁନାହାନ୍ତି। କଥା କ’ଣ କି ନିକଟରେ ତାଙ୍କୁ ଏକ ନୂଆ ସିନେମା ଅଫର ମିଳିଛି। ଏଥିରେ ତାଙ୍କୁ ଯେଉଁ ଭୂମିକାଟି ମିଳିଛି ତାହା ତାଙ୍କର ଖୁସିକୁ ଦ୍ୱିଗୁଣିତ କରିଦେଇଛି। ଏ ନେଇ ରାନୀ କହନ୍ତି, ‘ସତରେ ଏପରି ଏକ ଚରିତ୍ରରେ ଆସିବାକୁ ମୁଁ ସତେ ଯେମିତି ଚାହିଁ ବସିଥିଲି। ଯେତେବେଳେ ମୁଁ ଏହି ଅଫରଟି ପାଇଲି ଆଉ ନିଜ ରୋଲ୍ ବିଷୟରେ ଅବଗତ ହେଲି ତା’ପରେ ମୋ ଖୁସିର ସୀମା ରହି ନ ଥିଲା। ଏହି ଭୂମିକାଟି ମୋ ଆକ୍ଟିଂ କ୍ୟାରିୟରକୁ ନୂଆ ମୋଡ ଦେବ ବୋଲି ଆଶା ରଖିଛି।’ ଉକ୍ତ ନୂଆ ସିନେମାର ଟାଇଟଲ ଫାଇନାଲ ହୋଇନାହିଁ। ଅନ୍ୟପକ୍ଷରେ ରୂପାରାଣୀ କ୍ରିଏସନ୍ସ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଭିଡିଓ ଆଲବମ୍‌ରେ ରାନୀ ଏକ ଆଇଟମ ନମ୍ବରରେ ନାଚିବେ। ‘ମାଚିସ୍ ଲଗେଇ ଦେ ବିଡି ଜଳେଇ ଦେ’ ଶୀର୍ଷକ ଏହି ଗୀତଟି ପାଇଁ କଣ୍ଠଦାନ କରିଛନ୍ତି ସଞ୍ଜୁ ଏବଂ ସ୍ୱର ଦେଇଛନ୍ତି ଉମା। ସୂଚନାଯୋଗ୍ୟ ଇତି ମଧ୍ୟରେ ରାନୀ ‘ହାଏ ମୋର ଦିଲ୍’ ଏବଂ ‘କଟି ପତଙ୍ଗ’ ସିନେମାରେ ଅଭିନୟ କରିସାରିଛନ୍ତି।



ରାନୀ ପ୍ରିୟଦର୍ଶିନୀ

# ଆକ୍ସନ୍ ରୋଲ୍‌ରେ ମନ

ବାଣୀ କପୁରଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ୟା ଭିତରେ ସେ ରୋମାଣ୍ଟିକ ଭୂମିକାରେ ଅଭିନୟ କରିସାରିଛନ୍ତି। ଯଦି ତାଙ୍କୁ ଆକ୍ସନ୍ ରୋଲ୍ ମିଳେ ତେବେ ତାହାକୁ ମଧ୍ୟ ତୁଲାଇ ପାରିବେ ବୋଲି କହିବୁଲୁଛନ୍ତି। କଥା କେବଳ ସେତିକିରେ ସୀମିତ ରହିନାହିଁ। ଇତି ମଧ୍ୟରେ ସେ ଏପରି ଭୂମିକା ପାଇଁ କସରତ ଆରମ୍ଭ କରିଦେଇଛନ୍ତି। ଜଣେ ଫାଇଟ ମାଷ୍ଟରଙ୍କ ଅଧିନରେ ସେ ବର୍ତ୍ତମାନ ଟ୍ରେନିଂ ନେଉଛନ୍ତି। ‘‘ଯେହେତୁ ମୁଁ ଜଣେ ଅଭିନେତ୍ରୀ, ତେଣୁ ମୋତେ ସବୁପ୍ରକାର ଦାୟିତ୍ୱ ତୁଲାଇବାକୁ ପଡିବ। ହୁଏତ ଏପରି ସମୟ ଆସିପାରେ ମୋତେ କୌଣସି ପ୍ରଯୋଜକ ଆକ୍ସନ ରୋଲ୍ ଅଫର କରିପାରନ୍ତି। ତେଣୁ ତା’ ପୂର୍ବରୁ ନିଜକୁ ଏ ନେଇ ପ୍ରସ୍ତୁତ କରିବାକୁ ମୁଁ ଏଭଳି ନିଷ୍ପତ୍ତି ନେଇଛି। ଏବେ ଜଣେ ଫାଇଟ୍ ଟ୍ରେନର୍‌ଙ୍କ ନିକଟରୁ ଫାଇଟ୍, ଷ୍ଟଣ୍ଟ ଶଟ୍ ଶିଖୁଛି। ମୁଁ ଜାଣିଛି ଏପରି ରୋଲ୍ ତୁଲାଇବା ସହଜ କଥା ନୁହେଁ। ତେବେ ଏ ନେଇ ରିସ୍କ ନେଲେ କ୍ଷତି କ’ଣ ବୋଲି କହନ୍ତି ବାଣୀ।’’ ତାଙ୍କ ହାତରେ ଏବେ ଦୁଇଟି ସିନେମା ଅଛି। ଗୋଟିଏ ହେଲା ଅଭିଷେକ କପୁରଙ୍କ ‘ଚଣ୍ଡୀଗଡ କରେ ଆଶିକୀ’ ଏବଂ ସଞ୍ଜୟ ଦତ୍ତ-ରଣବୀର କପୁର ଅଭିନୟ କରିବାକୁ ଥିବା ଫିଲ୍ମ ‘ଶମଶେରା’।



ବାଣୀ

# ଉଡା ବାଦଲକୁ ଭରସା ନାହିଁ, ଚୋରା ପୀରତିରେ ଗ୍ୟାରେଣ୍ଟି ନାହିଁ

**ପ୍ରଶ୍ନ**–ଚୋରା ପୀରତି ମଠା ଲାଗେନା କାହିଁକି ?

*–ସୁମନ୍ତ ସାହୁ, କେନ୍ଦ୍ରାପଡା*

**ଉତ୍ତର :** 'ଚୋରା ପୀରତି ମିଠା ଲାଗେନା' ଏକଥାକୁ ବୋଧହୁଏ ଆପଣ ଭଲ ଭାବରେ ହୃଦୟଙ୍ଗ କରିଛନ୍ତି। ତଥାପି ଏହା କେତେ ସତ କେତେ ମିଛ ଜାଣିବାକୁ ଚାହୁଁଛନ୍ତି। ଗୋଟିଏ କଥା ମନେ ରଖନ୍ତୁ 'ଉଡା ବାଦଲକୁ ଭରସା ନାହିଁ କି ଚୋରା ପୀରତିରେ ଗ୍ୟାରେଣ୍ଟି ନାହିଁ। କେମିତି ବା ରହିବ କହୁନାହାନ୍ତି ? ଚୋରା ପୀରତି ମାଗି ଆଣିଲା ତରକାରୀ ପରି ସୋଡକାଏ। ବେଳେବେଳେ ଏମିତି ଲାଗିବ ସତେ ଯେମିତି ରସଗୋଲା। ହେଲେ ନିଶା ଖସି ଯିବା ପରେ ତାହା କେତେ ଡେଞ୍ଜରିୟସ ସେକଥା ନିଜେ ଅନୁଭବ କରିପାରିବେ। ତେଣୁ ତା'ଠାରୁ ନିଜକୁ ଯେତେ ଦୂରେଇ ରଖିବେ ସେତେ ଭଲ।

**ପ୍ରଶ୍ନ**–ଶାଳୀର ଗାଳି ଭାରି ମିଠା ଲାଗେ। ଏହା ପଛରେ କି କାରଣ ଅଛି କହିବେ କି ସାଥୀ ?

*–ଅମିତାଭ ରାଉତ, ବ୍ରହ୍ମପୁର*

**ଉତ୍ତର :** କେବଳ ଶାଳୀର ଗାଳି ନୁହେଁ ଶାଳୀ ପ୍ରେମ ଭାରି ମିଠା ବୋଲି ଅନେକେ କହନ୍ତି। ହେଲେ ଶାଳୀର ଗାଳି ଆଉ ପ୍ରେମ ଭିତରେ ଆକାଶ ପାତାଳ ତଫାତ୍। 'ଶାଳୀ ହୋଇଥାଉ ପଛେ କାଳୀ, ମିଠା ଲାଗେ ତା'ର ଗାଳି ସତେ ଯେମିତି ଚନ୍ଦନ ଲେପନ ପରି। ହେଲେ ଶାଳୀ ପ୍ରେମରେ ପଡିବାକୁ ଚେଷ୍ଟା କରୁଛନ୍ତି କି ? ଯଦି ହଁ, ତେବେ ବେଳ ଥାଉ ସାବଧାନ ! ନ ହେଲେ ନିଜର ବୈବାହିକ ଜୀବନରେ କେତେବେଳେ ମହାପ୍ରଳୟ ସୃଷ୍ଟି ହେବ ତାହା ନିଜେ ବି କଳନା କରିପାରିବେ ନାହିଁ।

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋ ସପନରେ ଆସୁଛି। ତା' ପ୍ରେମରେ ମୁଁ ପୁରା ମତୁଆଲା। ତାକୁ କେମିତି ପାଇବି ଜାଣିପାରୁନାହିଁ। ସେ ନେଇ କିଛି ଉପାୟ ବତାଇବେ କି ସାଥୀ ?

*–ସୁନୀଲ, ରାଉରକେଲା*

**ଉତ୍ତର :** ସେ ପରା ସ୍ୱପ୍ନ ସୁନ୍ଦରୀ। ସେହି ସପନରେ ଥାଏ ଫୁଲାଏ ଆଶାର ସମ୍ଭାର। ହେଲେ ତାହା ଏକ ଅବାସ୍ତବ ବଳୟ ଭିତରେ ରହିଥାଏ। ସପନ ଭାଙ୍ଗିଗଲେ ସବୁ କିଛି ଚାଲିଯାଏ। ହେଲେ ସେହି ସ୍ୱପ୍ନ ସୁନ୍ଦରୀ ପ୍ରେମରେ ଆପଣ ଏବେ ମସଗୁଲ। ପୁଣି ତାକୁ କେମିତି ପାଇବେ ଆଶା ବାନ୍ଧି ବସିଛନ୍ତି। ପ୍ରେମ ସବୁବେଳେ ବାସ୍ତବତାରେ ହିଁ ହୋଇଥାଏ। ତେଣୁ ଅସଲ ଦୁନିଆକୁ ଆସି ମନର ମାନସୀଟିଏ ଖୋଜନ୍ତୁ। ଯଦି ମନ ନିର୍ମଳ ରହିଲା, ତେବେ ମନଲାଖି ପ୍ରେମିକାଟିଏ ମିଳିଯିବା କିଛି ଅସମ୍ଭବ ନୁହେଁ।

**ପ୍ରଶ୍ନ**–ସବୁବେଳେ ଭାବୁଛି ମନ ପସନ୍ଦର ଝିଅଟିକୁ ପ୍ରପୋଜ କରିବି। ହେଲେ ଠିକ୍ ମଇଦାନ ଉପରକୁ ଗଲା ବେଳକୁ ମୋର ଫ୍ୟୁଜ ଉଡିଯାଉଛି। କ'ଣ କରିବି ?

*–ତପନ, ଅନୁଗୋଳ*

**ଉତ୍ତର :** ପ୍ରେମକୁ ନେଇ ଆପଣଙ୍କ ମନରେ ଅନେକ ଆଶା ଆଶଙ୍କା ରହିଛି। ଯଦି ପ୍ରେମକୁ ନେଇ କିଛି ପ୍ରଶ୍ନ ରହିଛି ତେବେ ମନଲାଖି ସୁନ୍ଦରୀକୁ ନିଜ ମନ କଥା କହିବା ପୂର୍ବରୁ ସେହି ପ୍ରଶ୍ନଗୁଡିକର ସମାଧାନ କରିନେବା ଉଚିତ୍। ନ ହେଲେ ସେଗୁଡିକ ସେମିତି ମନ ଭିତରେ ଗୋଳେଇଘାଣ୍ଟି ହେଉଥିବ। କାହାକୁ ପ୍ରପୋଜ କରିବା ପୂର୍ବରୁ ନିଜକୁ ମାନସିକ ସ୍ତରରେ ଦୃଢ଼ କରନ୍ତୁ। ବେଳକାଳ ଏବଂ ପାଣିପାଗ ଦେଖି ସେହି ସୁନ୍ଦରୀକୁ ନିଜ ମନ ଭିତରେ ଥିବା କଥାକୁ କହି ଦିଅନ୍ତୁ। ଯଦି ସବୁକିଛି ଠିକ୍ ଠାକ୍ ରହିଲା, ତେବେ ଏକାଥରେ ବହି ଫିଟ୍ ହୋଇଯିବାର ଯଥେଷ୍ଟ ଚାନ୍ସ ରହିଛି।






**ପ୍ରଥମ ରୋଜଗାର**

ଚିତ୍ରଶିଳ୍ପୀ ତଥା ଶିକ୍ଷୟିତ୍ରୀ ପ୍ରତିଭା ବଳିୟାର ସିଂ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

## ପ୍ରଥମ ଦରମା ବାବାଙ୍କ ହାତରେ ଦେଇଥିଲି

ଖୋର୍ଦ୍ଧା ଜିଲା ବାଣପୁର ନିକଟସ୍ଥ ସାଲୁଣୀ ଗାଁରେ ମୋ ଜନ୍ମ। ମାମା ସଚଳା ସୁନ୍ଦରୀ ବଳିୟାର ସିଂ ଓ ବାବା କୃଷ୍ଣଚନ୍ଦ୍ର ବଳିୟାର ସିଂଙ୍କର ୯ ପୁଅଝିଅ(୭ ଝିଅ ଓ ୨ ପୁଅ)ଙ୍କ ମଧ୍ୟରୁ ମୁଁ ହେଲି ୬ ନମ୍ବର। ମାମା ଯେହେତୁ ଭଲ ଗୀତ ଗାଉଥିଲେ ଆଉ ବାବା ଶିକ୍ଷକତା କରିବା ସହ ଲେଖାଲେଖିରେ ରୁଚି ରଖୁଥିଲେ, ତେଣୁ ପିଲାଦିନରୁ ମୋ ଭିତରେ ବି ସେହି ଦିଗ ପ୍ରତି ଆଦର ଆସି ଯାଇଥିଲା। ପାଠପଢ଼ା ସହ ଗୀତ ଗାଇବା ତଥା ସ୍କୁଲ ଓ ଗାଁରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ନାଟକରେ ନୃତ୍ୟ ପରିବେଷଣ କରି ଖୁବ୍ ପ୍ରଶଂସା ସାଉଁଟୁଥିଲି, ସେ ପୁଣି ବିନା ପ୍ରଶିକ୍ଷଣରେ। କେବଳ ସେତିକି ନୁହେଁ, ପିଲାଟି ଦିନରୁ ଚିତ୍ର ଆଙ୍କିବାରେ ବି ମୁଁ ଖୁବ୍ ନିପୁଣ। ସେଥିପାଇଁ ବାବାଙ୍କର ଜଣେ ସାଙ୍ଗ ମୋ ନାଁ ଆର୍ଟ କଲେଜରେ ଲେଖାଇ ଦେବାକୁ ପରାମର୍ଶ ଦେଇଥିଲେ। ବାବା ବି ତାଙ୍କ କଥା ମାନି ମୋର ଆଡ୍‌ମିଶନ ଆର୍ଟ କଲେଜରେ କରାଇବାକୁ ଯାଇଥିଲେ, ହେଲେ ସେ ସମୟରେ କିଛି ଗୋଟେ ଅସୁବିଧା ହେବାରୁ ମୋର ସେଠାରେ ଆଡ୍‌ମିଶନ ହୋଇପାରି ନ ଥିଲା। ତେଣୁ ବାଧହୋଇ ଗୋଦାବରୀଶ ମହାବିଦ୍ୟାଳୟରେ ମୁଁ ଆଡ୍‌ମିଶନ ନେଇ ପଢ଼ିଲି ଆଉ ସେଠାରୁ ଓଡ଼ିଆ ସମ୍ମାନରେ ସ୍ନାତକ ଶିକ୍ଷା ସମାପ୍ତ କଲି। ତା'ସହିତ ଘରୋଇ ଭାବେ ଓଡ଼ିଶୀ ଭୋକାଲ୍‌ରେ ତାଲିମ୍ ନେଇ ଚଣ୍ଡିଗଡ଼ରୁ ସାର୍ଟିଫିକେଟ୍ ମଧ୍ୟ ହାସଲ କରିଥିଲି। ଭାବିଥିଲି ସଙ୍ଗୀତ କ୍ଷେତ୍ରରେ କ୍ୟାରିୟର୍ କରିବି ବୋଲି, କିନ୍ତୁ ସୁଯୋଗ ମୋତେ ମିଳିଲା ନାହିଁ। ଆଉ ତାରି ଭିତରେ ୧୯୮୫ରେ ମୋତେ ବାଣପୁର ହନୁମନ୍ତ, ଟାଙ୍ଗୀସ୍ଥିତ ଏକ ଅଣ ଆନୁଷ୍ଠାନିକ ଶିକ୍ଷାକେନ୍ଦ୍ରରେ ଶିକ୍ଷୟିତ୍ରୀ ଭାବେ ଚାକିରି ମିଳିଗଲା। ସେଠାରେ ପିଲାଙ୍କୁ ପାଠ ପଢ଼ାଇବା ସହ ଗୀତ, ନାଚ, ଡ୍ରଇଂ ତଥା ଗପ ଓ କବିତା କେମିତି ଲେଖାଯାଏ, ତାକୁ ବି ଶିଖାଉଥିଲି। ସେହିପରି ଆମରି ଗାଁ ସାଲୁଣୀରେ କେବଳ ଝିଅମାନଙ୍କୁ ନେଇ ଗୋଟିଏ ଜନ୍ମାଷ୍ଟମୀ ଗୀତିନାଟ୍ୟ ସେ ସମୟରେ କରିଥିଲି, ଯାହାକି ସେତେବେଳେ ବେଶ୍ ଆଦୃତ ହୋଇଥିଲା। ସେଥିପାଇଁ ସବୁ ଛାତ୍ରୀଛାତ୍ର, ଅଭିଭାବକ ଏପରିକି ସ୍ଥାନୀୟ ଅଞ୍ଚଳରେ ମୁଁ ସମସ୍ତଙ୍କର ଖୁବ୍ ପ୍ରିୟ ଥିଲି। ସେତେବେଳେ ଦୁଇ ଶହ ଟଙ୍କା ଦରମା ମିଳୁଥିଲା। ହେଲେ ଏହି ଦରମା ମାସକୁ ମାସ ନ ମିଳି ୪/୫ ମାସକୁ ଥରେ ମିଳୁଥିଲା। ପ୍ରଥମକରି ୫ମାସ ପରେ ଯେବେ ମୋତେ ହଜାରେ ଟଙ୍କା ଏକକାଳୀନ ମିଳିଲା, ତାକୁ ନେଇ ବାବାଙ୍କ ହାତରେ ଦେଲି। ବାବା ସେଦିନ ବହୁତ ଖୁସି ହୋଇଥିଲେ। ବେଶ୍ କିଛିବର୍ଷ ଏଠାରେ ଶିକ୍ଷକତା କରିବା ପରେ ମୋର ବାହାଘର ହେଲା। ଶାଶୁଘର କୁହୁଡି ଅଞ୍ଚଳରେ ହୋଇଥିଲେ ହେଁ, ଶ୍ୱଶୁର ଓ ସ୍ୱାମୀ ଯେହେତୁ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ କାମ କରୁଥିଲେ, ତେଣୁ ମୋତେ ବାଧହୋଇ ଚାକିରି ଛାଡ଼ିବାକୁ ପଡ଼ିଲା। କିଛିଦିନ ପରେ ଶ୍ୱଶୁର ଚାକିରିରୁ ଅବସର ନେଲେ ଆଉ ଗାଁକୁ ଫେରିଯିବାକୁ ନିଷ୍ପତ୍ତି ନେଲେ। ଶାଶୁ ଶ୍ୱଶୁର ମୋତେ ଆଉ ମୋ ସ୍ୱାମୀଙ୍କୁ ଖୁବ୍ ଭଲ ପାଉଥିବାରୁ ଆମକୁ ମଧ୍ୟ ତାଙ୍କ ସହିତ ଗାଁକୁ ଫେରିଯିବାକୁ ବାଧ କଲେ। ତାଙ୍କ କଥା ମାନି ସ୍ୱାମୀ ଚାକିରି ଛାଡି ଗାଁକୁ ଫେରି ଆସିଲେ। ଆଉ ଏକ ଗୋଦ୍‌ରେଜ ଦୋକାନ କଲେ। ସ୍ୱଳ୍ପ ରୋଜଗାରରେ ପରିବାର ଚଳେଇବାକୁ କଷ୍ଟ ହେବାରୁ ବାଧ ହୋଇ ମୁଁ ସ୍ଥାନୀୟ ଏକ ଶିଶୁମନ୍ଦିରରେ ଶିକ୍ଷକତା କଲି। ସେଠାରେ ମଧ୍ୟ ମୋର ପାଠପଢ଼ା ସହ ବିବିଧ ଦିଗରେ ରୁଚିଥିବା ଜାଣି ଛାତ୍ରୀଛାତ୍ର ଓ ଅଭିଭାବକ ମୋତେ ଖୁବ୍ ପସନ୍ଦ କରିବାକୁ ଲାଗିଲେ। ସେଠାରେ କିଛିଦିନ କାମ କରିବା ପରେ ଜଟଣୀସ୍ଥିତ ଶିଶୁ ବାଟିକାରେ ବି ପ୍ରାୟ ୩ ବର୍ଷ ଶିକ୍ଷକତା କରିଥିଲି। ଆଉ ଏବେ ମୁଁ ଖୋର୍ଦ୍ଧା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆଚାର୍ଯ୍ୟା ଭାବେ ଅବସ୍ଥାପିତ। ଶିକ୍ଷକତା ବ୍ୟତୀତ ଗପ, କବିତା, ପ୍ରବନ୍ଧ ଲେଖା ମୋର ସେମିତି ଚାଲିଛି। ତା'ସହିତ ଚିତ୍ର ଆଙ୍କିବା, ଗୀତ ଗାଇବା ଅଭ୍ୟାସ ବି ମୋର ଜାରି ରହିଛି।

# ଗୋଲାପ ଦେଇଛି ମୂଲ



ପ୍ରେମ ଶାଶ୍ୱତ ଓ ପବିତ୍ର । ପ୍ରେମରେ ନ ଥାଏ କୌଣସି ଜାତି, ଧର୍ମ, ବର୍ଣ୍ଣ କି ଧନୀଗରିବ, ଉଚ୍ଚନୀଚ ଭେଦଭାବ। ତେବେ ପ୍ରେମର ରଙ୍ଗ କ'ଣ ହୋଇପାରେ। ଯାହା ଖୁବ୍ ଆକର୍ଷିତ କରେ ମନ ଓ ହୃଦୟକୁ। ମାତ୍ର ଏମିତି ପ୍ରସଙ୍ଗର ଉତ୍ତର ଖୋଜିଲେ ହୁଏତ ସମୟ ବିତି ଚାଲିବ... । କିନ୍ତୁ ସତେଜ, କୋମଳ, ସୌନ୍ଦର୍ଯ୍ୟ, ଗୋଲାପୀ ରଙ୍ଗ ଆଉ ବାସ୍ନା ପାଇଁ ଫୁଲରାଣୀ ଗୋଲାପ କେବଳ ପ୍ରେମିକ କି ପ୍ରେମିକା ନୁହେଁ ବରଂ ସଭିଙ୍କ ମନଙ୍କୁ ଛୁଇଁଯାଏ। କେବେ ପ୍ରେମିକାର ଗଭାର ଖୋସା ହୋଇଥାଏ ତ ପୁଣି କାହାରି ଉପହାର ପାଇଁ କରମଣ୍ଡନ କରେ। ଏମିତି ଗୋଲାପକୁ ନେଇ ଅନେକ ରୋଚକଭରା କାହାଣୀ ରହିଛି। ତେବେ ଏମିତି ସ୍ୱାମୀ-ସ୍ତ୍ରୀ ଅଛନ୍ତି, ଯିଏକି ଗୋଲାପକୁ ନେଇ ଗଢ଼ିଛନ୍ତି ତାଙ୍କର ଭିନ୍ନ ଏକ ଦୁନିଆ, ସୃଷ୍ଟି କରିଛନ୍ତି ନିଆରା ପରିଚୟ। ସେ ହେଲେ ସୌଭାଗ୍ୟ କୁମାର ନାୟକ। ପିତା ରୂପାନନ୍ଦ ନାୟକ, ମା' ଅତିଶିଳା ନାୟକ। ଘର ସମ୍ବଲପୁର ଜିଲା ବାମରା ବ୍ଲକ ଅଧୀନ କେସିବାହାଲ ଗ୍ରାମପଞ୍ଚାୟତର ପାରିମୁଣ୍ଡା ନିତିମାଳରେ। ସେ କୁହନ୍ତି, ଗାଁ ସ୍କୁଲରେ ୧୦ମ ପାସ୍‌କରି ବାମରା ଟି. ଏଫ୍. କଲେଜରେ ବିଏ ଯାଏ ପଢ଼ିଲି। ତା'ପରେ ରୋଜଗାର ଚିନ୍ତା ଘାରିଲା। ଏମିତିରେ ଗାଁର ଉତ୍ତର ପଟକୁ ରହିଥିବା ଆମର ପ୍ରାୟ ୨ଏକର ଜାଗାରେ କଦଳୀ ଚାଷ କଲି । ଏଥିରୁ ବେଶ୍ ଲାଭବାନ ହୋଇପାରିଲି। ମାତ୍ର ସମୟକ୍ରମେ ଚିନ୍ତାକଲି ଆଉ କେଉଁ ଚାଷକଲେ ଅଧିକ ଲାଭ ମିଳିପାରିବ। ସେଥିପାଇଁ ଗୋଲାପଫୁଲ ଚାଷ ମନକୁ ଆସିଲା। ଏଥିପ୍ରତି ମନବଳାଇଲି । ଏହାକୁ ଚାଷ କରିବା ପୂର୍ବରୁ ପ୍ରଥମେ କେତୋଟି ଫାର୍ମହାଉସ ଯାଇ ଗୋଲାପଗଛକୁ ଦେଖିଲି। ଏଥିଯୋଗୁ ମନରେ ଉତ୍ସାହ ବଢିଥିଲା। ତା'ପରେ ଜାଣିପାରିଲି ଗୋଲାପ ଚାଷ ପାଇଁ ଯେଉଁପ୍ରକାର ଜଳବାୟୁ ଓ ମାଟି ଆବଶ୍ୟକ ତାହା ଆମ ଓଡ଼ିଶାର ରହିଛି। ବିଶେଷକରି ଲାଲ୍‌ମାଟି ଏଥିପାଇଁ ଉପଯୁକ୍ତ । ଏହି ଚାଷ ସମ୍ପର୍କରେ ପ୍ରାୟ ଏକମାସ ଟ୍ରେନିଂ ନେଲି। ଏଥିରେ ମୋ ସ୍ତ୍ରୀ କୃଷ୍ଣା ବି ଯୋଗଦେଲେ। ଆମେ ଦୁଇଜଣ ମିଶି ଗୋଲାପ ଚାଷ ପ୍ରତି ଅଧିକ ଉଦ୍ୟମ କଲୁ । ଏପରି ଚାଷ ପାଇଁ ସରକାରୀ ସ୍ତରରେ କି କି ପ୍ରକାର ବ୍ୟବସ୍ଥା ଓ ପ୍ରୋତ୍ସାହନ ରହିଛି ହର୍ଟିକଲ୍‌ଚର୍ ବିଭାଗ ସହିତ ଯୋଗାଯୋଗ ରଖି ପରାମର୍ଶ ନେଲୁ। ଏମିତିରେ ୨୦୧୮ରୁ ଗୋଲାପ ଚାଷ ଆରମ୍ଭ କରିଥିଲୁ। ପ୍ରାୟ ୨ଏକର ଜାଗା ପାଇଁ ସରକାରୀ ଋଣ ସହାୟତା ବାବଦକୁ ମୋ ନାଁରେ ୬୦ଲକ୍ଷ ଏବଂ ସ୍ତ୍ରୀଙ୍କ ନାଁରେ ବି ୬୦ଲକ୍ଷ ଟଙ୍କା ମିଳିଲା। ସେଥିରେ ପଲିହାଉସ ତିଆରି କରାଗଲା। ପାଣିର ଉତ୍ସ ପାଇଁ ଦୁଇଟି ବୋରିଂ ବ୍ୟବସ୍ଥା ହୋଇପାରିଲା। ଏହାପରେ ପୁଣେରୁ ପ୍ରାୟ ୫ପ୍ରକାର ରଙ୍ଗର ୬୪ହଜାର ଗୋଲାପ ଚାରା ଅଣାଗଲା। ଚାଷ ପ୍ରଣାଳୀକୁ ଅନୁଧ୍ୟାନ କରି ଶୀତଋତୁରେ ଧାଡ଼ିଧାଡ଼ିକରି ପ୍ରାୟ ୬ସେଣ୍ଟିମିଟର ଦୂରତାରେ ଗୋଟିଏ ଲେଖାଏଁ ଚାରା ରୋପଣ କରାଗଲା। ଏମିତିରେ ପ୍ରାୟ ୧ଏକର ଜାଗାରେ ୩୨ହଜାର ଚାରା ଲାଗିଲା। ଗଛର ଯତ୍ନ ନେବା, ସାରଦେବା ସହ ବୁନ୍ଦା ଜଳସେଚନର ବ୍ୟବସ୍ଥା କରାଗଲା। ଏପରିକି ଗୋଟିଏ ବୟସ୍କ ଗୋଲାପ ଗଛ ମୂଳେ ଦିନକୁ ପ୍ରାୟ୨ଲିଟର ପାଣି ଦରକାର ପଡ଼ିଥାଏ। ଏମିତିରେ ପ୍ରାୟ ୩ମାସ ମଧ୍ୟରେ ଗଛରେ ଫୁଲ ଫୁଟିବା ଆରମ୍ଭ ହେଲା। ଗଛରେ ଯେବେ ପ୍ରଥମକରି ଫୁଲ ଫୁଟିବା ଦେଖିଲୁ ଆମେ ଦୁହେଁ ବହୁତ ଖୁସି ହୋଇଯାଇଥିଲୁ । ଏକ ଭିନ୍ନ ଦୁନିଆରେ ରହିଲାପରି ଲାଗିଲା। ଆମ ପରିବାରର ସମସ୍ତେ ଯେତେବେଳେ ସେହି ଗୋଲାପ ପସରା ଭିତରେ କିଛିସମୟ ବିତାଉଥିଲୁ ତାହା ଏତେ ଖୁସି ଲାଗୁଥିଲା ଯେ ତାହା କିପରି ଭାଷାରେ ବ୍ୟକ୍ତ କରିବି ଜାଣିପାରେନା। ତେବେ ଗୋଟିଏ ଗୋଲାପ ଗଛର ଆବଶ୍ୟକ ସୁରକ୍ଷା ଓ ଯତ୍ନ ନେଲେ ବର୍ଷକୁ ସେଥିରେ ପ୍ରାୟ ୨୨ରୁ ୨୫ଟି ମଧ୍ୟରେ ଫୁଲ ଆସେ । ଏମିତିରେ ଗୋଟିଏ ଗୋଲାପ ଗଛରେ ପ୍ରାୟ ଲଗାତର ୫ବର୍ଷ ଯାଏ ଫୁଲ ଫୁଟିଥାଏ। ସମୟକ୍ରମେ ଗଛର ଯତ୍ନ ପାଇଁ କାଟ୍‌ଛାଣ୍ଟ ବି କରାଯାଏ। ଆମର ଏହି ୨ ଏକର ପଲିହାଉସରୁ ମାସକୁ ପ୍ରାୟ ୨ଲକ୍ଷ ଟଙ୍କା ଆୟ ହୋଇଥାଏ । ତେବେ ପ୍ରଥମେ ପ୍ରଥମେ ଦିନକୁ ପ୍ରାୟ ୫ହଜାର ଫୁଲ ସଂଗ୍ରହ କରାଯାଉଥିଲା। ମାତ୍ର ଏବେ ଧୀରେଧୀରେ ଫୁଲଫୁଟିବା କମି ଯାଉଛି, ଯାହାକି ୧ହଜାରରୁ ୨ହଜାର ମଧ୍ୟରେ ସୀମିତ ରହୁଛି । ଏଠାରୁ ତୋଳାଯାଉଥିବା ଗୋଲାପଫୁଲକୁ ଚାହିଦା ଅନୁଯାୟୀ ରାଜ୍ୟର କେତେକ ଅଞ୍ଚଳକୁ ବିକ୍ରି ପାଇଁ ପଠାଯାଇଥାଏ। ଗୋଟିଏ ବଡ଼ ଓ ସୁନ୍ଦରଗୋଲାପ ଫୁଲକୁ ପ୍ରାୟ ୫ଟଙ୍କାରେ ବିକ୍ରି କରାଯାଇଥାଏ । ସ୍ଥାନ ବିଶେଷରେ ଗୋଲାପର ଦର କମ୍ ଓ ଅଧିକ ହୋଇପାରେ। ଏହି ଫାର୍ମରୁ ସଂଗ୍ରହ କରାଯାଉଥିବା ଗୋଲାପକୁ ବିକ୍ରି ପାଇଁ କଟକ, ଭୁବନେଶ୍ୱର, ରାଉରକେଲା, ସମ୍ବଲପୁର, ଝାରସୁଗୁଡ଼ା, ରାଇରଙ୍ଗପୁର ପରି ବିଭିନ୍ନ ସହରକୁ ପଠାଇଥାଉ। କିନ୍ତୁ ବାହାର ରାଜ୍ୟରୁ ଆସୁଥିବା ଫୁଲ ବେଳେବେଳେ ଆମ ସ୍ଥାନୀୟ ଚାଷୀଙ୍କ ମୂଲ୍ୟଠାରୁ କମ୍ ଦରରେ ବଜାରରେ ବିକ୍ରି ହେଉଥିବାରୁ ବେଳେବେଳେ ଆମକୁ କ୍ଷତି ସହିବାକୁ ପଡ଼େ। ଏହି ପଲିହାଉସରେ ପ୍ରଥମେ ପ୍ରାୟ ୧୨ରୁ ୧୫ଜଣ ଶ୍ରମିକ କାର୍ଯ୍ୟ କରୁଥିଲେ କିନ୍ତୁ ୨୦୧୯ରେ ଦେଖାଦେଇଥିବା କରୋନା ମହାମାରୀ ଯୋଗୁ ଆମ ଗୋଲାପପସରା ବି ପ୍ରଭାବିତ ହେଲା। ଏଥିଯୋଗୁ ଆବଶ୍ୟକ ଯତ୍ନର ଅଭାବ ଦେଖାଦେଲା। ଏମିତିରେ ୮ରୁ୧୦ଜଣ ଶ୍ରମିକ କେବେକେବେ ପରିଶ୍ରମ କରିଲେ। ତଥାପି ପ୍ରବଳ ଉତ୍ସାହ, ଅତ୍ୟନ୍ତ ଇଚ୍ଛାଶକ୍ତି ପାଇଁ ଆଜି ଗୋଲାପ ରାଣୀର ଦୁନିଆରେ ମୋର ନିଆରା ପରିଚୟ ସୃଷ୍ଟି ହୋଇପାରିଛି । କୃଷ୍ଣା କୁହନ୍ତି ଯେବେଠାରୁ ଆମର ଏହି ଗୋଲାପ ଚାଷ ଆରମ୍ଭ ହେଲା ସେବେଠାରୁ ଆମ ପରିବାରରେ ଗୋଲାପ ଏକ ନୂଆ ପରିଚୟ ଦେଇଛି । ଏହାଦ୍ୱାରା ଘର ଚଳଣି ଉଠୁଛି। ଅନ୍ୟମାନେ ବି ରୋଜଗାର କରିପାରୁଛନ୍ତି। ସମସ୍ତଙ୍କ ମୁହଁରେ ଖୁସିର ଲହରି ଖେଳିପାରୁଛି। ଏମିତିରେ ମୋର ବଡ଼ପୁଅ ଆମ ଚାଷ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ହର୍ଟିକଲଚର ସମ୍ପର୍କରେ ପାଠ ପଢୁଛି। ବଳକା ସମୟରେ ସାନପୁଅ ଗୋଲାପ ବଗିଚାରେ ବୁଲି ଖୁସି ହୁଏ। ଏବେ ଆମର ଏହି ଗୋଲାପ ପଲିହାଉସକୁ ବୁଲିବା ପାଇଁ ପ୍ରତିଦିନ ବିଭିନ୍ନ ଅଞ୍ଚଳରୁ ଲୋକ ଆସୁଥିବାରୁ ଆମକୁ ଅଧିକ ଆନନ୍ଦ ଲାଗୁଛି।

–ବନବିହାରୀ ବେହେରା







# ମନୋଜ-ପ୍ରିୟା

**ସୂଚନା**
ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

## ହାଃ ହାଃ

### ଟିଭି

ପପୁ ମା'ଙ୍କୁ- ମାମା, ମୁଁ ଟିଭି ଦେଖି ଦେଖି ହୋମ୍‌ୱାର୍କ କରିବି।
ମା'- ହଉ ଠିକ୍ ଅଛି।
ପପୁ- ଥାଙ୍କ ୟୁ...
ମାମା-ଟିଭିକୁ ଦେଖିବୁ, ହେଲେ ତାକୁ ଅନ୍ କରିବୁନି।

### ପ୍ରେମ

ଥରେ ହାତୀ ଓ ପିମ୍ପୁଡ଼ି ଭିତରେ ପ୍ରେମ ହେଇଗଲା। ପରେ ବିବାହ ବି ହେଲା।
ହେଲେ ବିବାହ ପରଦିନ ହାତୀ ମରିଗଲା।
ପିମ୍ପୁଡ଼ି- ହେ ଭଗବାନ, ଏ କ'ଣ କଲ। ଗୋଟିଏ ଦିନର ସ୍ୱାମୀ କରି, ଜୀବନ ଯାକର କବର ଖୋଳା କାମ ଦେଇଦେଲ।

### ମନେ ପଡ଼େ

ଯୁବକ ଯୁବତୀଙ୍କୁ-ମେଘ ଗରଜିଲେ ତୁମ କଥା ମନେ ପଡୁଛି, ବର୍ଷା ହେଲେ ତୁମ କଥା ମନେ ପଡୁଛି, ବର୍ଷାର ପ୍ରତି ବୁନ୍ଦାରେ ବି ତୁମ କଥା ମନେ ପଡିଯାଉଛି।
ଯୁବତୀ- ହଁ, ଜାଣିଛି କାହିଁକି ମନେପଡୁଛି। ତୁମ ଛତାଟା ମୋ ପାଖରେ ରହିଯାଇଛି ନା। ଫେରେଇ ଦେବି, ଏମିତି ଛାନିଆ ହୁଅନା।



## ପ୍ରେମଦିବସ ପାଇଁ

# ପ୍ରେମସ୍ଥଳୀ

**ପ୍ରତିବର୍ଷ ଭାଲେଣ୍ଟାଇନ୍ସ ଡେ' ବା ପ୍ରେମଦିବସକୁ ପ୍ରେମୀଯୁଗଳଙ୍କର ଅପେକ୍ଷା ରହିଥାଏ। କେବେ ଆସିବ ଏହି ଶୁଭଦିନ, ଆଉ ସେମାନେ ସାଥୀ ହୋଇ ବୁଲିଯିବେ ଦୂର କେଉଁ ଏକ ନିକାଞ୍ଚନ ସ୍ଥାନକୁ; ଯେଉଁଠି ତାଙ୍କୁ ବାଧାଦେବାକୁ କେହି ନ ଥିବେ। ସେଠାରେ ସେମାନେ ମନଖୋଲି ଦୁଇପଦ କଥା ହେବା ସହ ସୁନେଲି ଭବିଷ୍ୟତକୁ ନେଇ ଅନେକ ରଙ୍ଗିନ ସ୍ୱପ୍ନ ଦେଖିପାରିବେ। ତେଣୁ ଏଠାରେ ସେମିତି କିଛି ଲଭ୍ ଡେଷ୍ଟିନେଶନ୍ ବା ପ୍ରେମସ୍ଥଳୀ ସମ୍ପର୍କରେ ଉଲ୍ଲେଖ କରାଗଲା...**





**ଗୋଆ:** ଏହାକୁ ଅନେକେ ହନିମୁନ୍ ଡେଷ୍ଟିନେଶନ୍ ବୋଲି ବି କହିଥାନ୍ତି। କାରଣ ଦେଶବିଦେଶର ବିଭିନ୍ନ ପ୍ରାନ୍ତରୁ ନବଦମ୍ପତି ଏଠାକୁ ଖାସ୍ ହନିମୁନ୍ ପାଇଁ ଆସିଥାନ୍ତି। ଖାସ୍ କରି ଏଠାକାର ସୁନେଲି ବେଳାଭୂମିରେ ଦମ୍ପତିମାନେ ପରସ୍ପର ସହ ହାତ ଛନ୍ଦାଛନ୍ଦି ହୋଇ ବୁଲିବାରେ ଯେଉଁ ମଜା ଥାଏ, ତାହାକୁ ଭାଷାରେ ପ୍ରକାଶ କରିବା ସମ୍ଭବ ନୁହେଁ। କେବଳ ଦମ୍ପତି କାହିଁକି ପ୍ରେମିକା-ପ୍ରେମିକଙ୍କ ପାଇଁ ବି ଗୋଆ ହେଉଛି ଏକ ପ୍ରିୟତମ ସ୍ଥାନ।

**ଖଣ୍ଡାଲା:** ମହାରାଷ୍ଟ୍ରସ୍ଥିତ ଖଣ୍ଡାଲା ହେଉଛି ଏକ ଲୋକପ୍ରିୟ ଶୈଳନିବାସ। ଏଠାରେ ପର୍ଯ୍ୟଟକ ପାହାଡ଼, ପର୍ବତ, ଝରଣା ସହିତ ଅନେକ ମନଲାଖି ଭ୍ରମଣସ୍ଥଳୀ ଦେଖିବାକୁ ପାଇପାରିବେ। ଖାସ୍ ସେଥିପାଇଁ ପ୍ରତିବର୍ଷ ପ୍ରେମଦିବସ ଅବସରରେ ଏଠାରେ ବେଶ୍ ଭିଡ଼ ପରିଲକ୍ଷିତ ହୋଇଥାଏ। ତନ୍ମଧ୍ୟରୁ ଅଧିକାଂଶ ଥାନ୍ତି ନବବିବାହିତା ଦମ୍ପତି ଓ ପ୍ରେମୀଯୁଗଳ। ସେଥିପାଇଁ ଅନେକେ ଖଣ୍ଡାଲାକୁ ଲଭର୍ସ ପଏଣ୍ଟ ବୋଲି ବି କହିଥାନ୍ତି।

**କେରଳ:** ପିକ୍‌ନିକ୍ ପାଇଁ ହେଉ ଅବା ହନିମୁନ୍ ପାଇଁ, କେରଳ ନିଜର ଆକର୍ଷଣୀୟ ରୂପରେଖ ସକାଶେ ସବୁବେଳେ ସମସ୍ତଙ୍କର ମନ ଜିଣି ଆସିଛି। ବିଶେଷକରି ଏଠାରେ ଦେଖିବାକୁ ମିଳୁଥିବା ବ୍ୟାକ୍ ୱାଟର୍‌ରେ ହାଉସ୍‌ବୋଟ୍ ଚଳାଇ ବୁଲିବାରେ ଯେଉଁ ମଜା ଥାଏ, ତାହାକୁ ଯିଏ ଅଙ୍ଗେ ନିଭେଇଛି ସିଏ ହିଁ କେବଳ ଜାଣିଛି ଏହାର ଉପଭୋଗକୁ। ତେଣୁ ଏହି ପ୍ରେମଦିବସ ଅବସରରେ ପ୍ରେମୀଯୁଗଳ ଚାହିଁଲେ ଏଠାକୁ ବୁଲିଯାଇ କିଛିଟା ନିଆରା ଅନୁଭୂତି ବି ନିଜ ସାଙ୍ଗରେ ଆଣିପାରିବେ।



**ଉଟି:** ଏହା ମଧ୍ୟ ତାମିଲନାଡୁସ୍ଥିତ ଏକ ଶୈଳନିବାସ। ଏହାକୁ ଅନେକେ ହିଲ୍‌ଷ୍ଟେଶନର ରାଣୀ ବୋଲି ମଧ୍ୟ କହିଥାନ୍ତି। କାରଣ ଭାରତରେ ଯେତେସବୁ ହିଲ୍‌ଷ୍ଟେଶନ ବା ଶୈଳନିବାସ ରହିଛି, ତନ୍ମଧ୍ୟରୁ ଉଟିର ସୌନ୍ଦର୍ଯ୍ୟ ନିଆରା ଲାଗେ। ଏଠାରେ ଦେଖିବାକୁ ମିଳୁଥିବା ବଟାନିକାଲ୍ ଗାର୍ଡେନ, ରୋଜ୍ ଗାର୍ଡେନ, ଉଟି ହ୍ରଦ ତଥା ଦୋଦ୍ଦାବେଟ୍ଟା ଗିରିଶୃଙ୍ଗ ଇତ୍ୟାଦି କେବଳ ସାଧାରଣ ଲୋକଙ୍କୁ ନୁହେଁ ନବଦମ୍ପତି ତଥା ପ୍ରେମୀଯୁଗଳଙ୍କୁ ବି ଖୁବ୍ ପସନ୍ଦ ଆସିଥାଏ।



**ଜୈସଲମେର୍:** ପ୍ରେମଦିବସ ଅବସରରେ ଯଦି ନିଜ ସାଥୀ ସହ କୁଆଡ଼େ ବୁଲିଯିବା ପାଇଁ ପ୍ଲାନିଂ କରୁଥାନ୍ତି, ତା'ହେଲେ ଥରେ ରାଜସ୍ଥାନସ୍ଥିତ ଜୈସଲମେର୍ ଆଡ଼େ ବୁଲି ଆସନ୍ତୁ ନା! କାରଣ ଏଠାରେ ବହୁ ଐତିହାସିକ କୀର୍ତ୍ତିରାଜି ଦେଖିବାକୁ ମିଳିଥାଏ। କେବଳ ସେତିକି ନୁହେଁ, ଏଠାକୁ ଆସୁଥିବା ପର୍ଯ୍ୟଟକ ଖାସ୍‌କରି ପ୍ରେମୀଯୁଗଳମାନେ ଜୈସଲମେର୍ ଦୁର୍ଗ ବୁଲି ଦେଖିବା ସହ ଓଟ ପିଠିରେ ବସିବାର ମଜା ମଧ୍ୟ ନେଇପାରିବେ।

**ନୈନିତାଲ୍:** ଉତ୍ତରାଖଣ୍ଡସ୍ଥିତ ନୈନିତାଲ୍ ବି ହେଉଛି ଏକ ଲୋକପ୍ରିୟ ଶୈଳନିବାସ। ଏଠାରେ ଘଞ୍ଚ ଜଙ୍ଗଲରେ ଘେରି ହୋଇ ରହିଥିବା ଖୁବ୍ ଉଚ୍ଚ ଉଚ୍ଚ ପାହାଡ଼ ସାଙ୍ଗକୁ ଝରଣା ଦେଖିବାକୁ ମିଳିଥାଏ। ଖାସ୍ ସେଇଥିପାଇଁ ଅନେକ ନବଦମ୍ପତି ଏଠାକୁ ହନିମୁନ୍ ପାଇଁ ବୁଲି ଆସିଥାନ୍ତି। କେବଳ ନବଦମ୍ପତି କାହିଁକି, ପ୍ରେମଦିବସକୁ ସ୍ମରଣୀୟ କରିବା ପାଇଁ ଏଠାକୁ ବହୁ ସଂଖ୍ୟାରେ ପ୍ରେମୀଯୁଗଳ ବି ଆସିଥାନ୍ତି।

କେବଳ ଏହିସବୁ ସ୍ଥାନ ନୁହେଁ, ଦାର୍ଜିଲିଂ, ସିଲଂ, ମସୁରୀ ତଥା ତାଜମହଲ ଆଡ଼େ ବି ବୁଲିଯାଇ ପ୍ରେମୀଯୁଗଳମାନେ ପ୍ରେମଦିବସକୁ ଭରପୂର ଉପଭୋଗ କରିବା ସହ ଅନେକ କିଛି ଅଭୁଲା ସ୍ମୃତିକୁ ନିଜ ସାଥିରେ ସାଉଁଟି ଆଣିପାରିବେ।







# ଶାମୁକାରେ କାରିଗରି

ସୃଜନଶୀଳତାର କୌଣସି ସୀମା ନ ଥାଏ। ଜଣେ କଳାକାର ସାମାନ୍ୟ ଜିନିଷକୁ ବି ନିଜ କାରିଗରିର ଯାଦୁକରୀରେ ଅମୂଲ୍ୟ ଜିନିଷରେ ରୂପାନ୍ତରିତ କରିଦେଇପାରେ। ଯେମିତି କି କାଲିଫର୍ନିଆର ମେରୀ କେନ୍ୟୋନ୍ ନାମ୍ନୀ ଜଣେ ମହିଳା ସମୁଦ୍ରରୁ ଶାମୁକା ସଂଗ୍ରହ କରି ତାକୁ ଦେଉଛନ୍ତି ନୂଆ ରୂପ। ଏହି ଶାମୁକା କାରିଗରିକୁ ଦେଖିଲେ ଲାଗେ ଗୋଟେ ଗୋଟେ ବହୁମୂଲ୍ୟ ପୁରାତନ ଆର୍ଟ ପିସ୍ ଭଳି। ମେରୀ କହନ୍ତି, ‘ମୋ ବାପା ଜଣେ ଉଚ୍ଚକୋଟୀର ଅଏଲ୍ ପେଣ୍ଟର୍ ଥିଲେ। ସୃଜନାତ୍ମକ କାର୍ଯ୍ୟ କରିବାକୁ ମତେ ତାଙ୍କଠାରୁ ପ୍ରେରଣା ମିଳିଛି।’ ମେରୀ ଶାମୁକାରେ ସ୍ୱରୋଭସ୍କି ରତ୍ନ ପଥର, ଗୋଲ୍ଡ ଗିଲ୍ଡିଂ ପେଣ୍ଟ ଆଦି ବ୍ୟବହାର କରି ପେଣ୍ଟିଂ କରନ୍ତି। ଜଳପରୀଠାରୁ ଆରମ୍ଭକରି ପରୀରାଇଜ ଗପର ଚରିତ୍ର, ମୟୂର ଆଦିର ଚିତ୍ର ବେଶ୍ ନିଖୁଣ ଓ ଚମତ୍କାରଭାବେ ସେ ଏହି ଶାମୁକାରେ କରନ୍ତି। ଫଳରେ ସାଧାରଣ ଶାମୁକା ପାଲଟିଯାଏ ଗୋଟେ ଗୋଟେ ମାଷ୍ଟରପିସ୍।

## କାର୍ଟୁନ କର୍ନର








# ଦେଶପ୍ରେମର ବାର୍ତ୍ତା ବାଣ୍ଟୁଛନ୍ତି ପାଇକ ପୁଅ

ଏଇ ଯେ ଦିଶୁଛି ଲାଲ୍‌ମାଟିର ଖୋର୍ଦ୍ଧାଗଡ଼। ଏ ବୀରମାଟିର ଉଷ୍ମ ରକତେ ଯୁଗଯୁଗ ଧରି ଉଷ୍ମତର। ଏପରି ଆହ୍ୱାନ ଦେଉଥିବା କବିତା ମନେପକାଇଦିଏ– ଓଡ଼ିଶାର ପାରମ୍ପରିକ ସମରକଳା ପାଇକ ଆଖଡ଼ାକୁ । ଏମିତି ସମରକଳା କଥା ମନେପଡ଼ିଲେ ପ୍ରଥମେ ମନକୁ ଆସେ ଖୋର୍ଦ୍ଧାଗଡ଼ ପାଇକ ପୁଅଙ୍କ ସାହସ ଓ ବୀରତ୍ୱର କଥା ; ଯାହା ମନପ୍ରାଣରେ ଭରିଦିଏ ଦେଶପ୍ରେମ। ତେବେ ରାଜାରାଜୁଡ଼ା ସମୟରେ ରାଜ୍ୟ ଓ ଦେଶର ସୁରକ୍ଷା ପାଇଁ ପାଇକ ବାହିନୀଙ୍କ କାର୍ଯ୍ୟଥିଲା ଗୁରୁତ୍ୱପୂର୍ଣ୍ଣ। ମାତ୍ର ସପ୍ତଦଶ ଶତାବ୍ଦୀର ମଧ୍ୟାନ୍ତରରେ ଇଂରେଜମାନେ ଭାରତରେ ପଦାର୍ପଣ କଲେ। ବିଶେଷକରି ଇଂରେଜମାନେ ବାଣିଜ୍ୟରୁ ହିଁ ସାମ୍ରାଜ୍ୟ ବିସ୍ତାର କରିବାର ସୁଯୋଗ ପାଇଥିଲେ। ଏପରି କି ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଦଖଲ କଲେ। ଏହାପରେ ବିଭିନ୍ନ ଗଡ଼ଜାତ ଅଞ୍ଚଳରେ ପାଇକମାନେ ଇଂରେଜମାନଙ୍କ ପ୍ରଜା ବିରୋଧୀ, ରାଜ୍ୟ ବିରୋଧୀ ନୀତିଙ୍କୁ ବିରୋଧ କରିଥିଲେ। ଏଥିଯୋଗୁ ସାରା ଦେଶରେ ସଂଗ୍ରାମର ବହ୍ନି ଜଳିଲା। ସର୍ବପ୍ରଥମେ ଜୟକୃଷ୍ଣ ରାଜଗୁରୁ ମହାପାତ୍ର (ଜୟୀ ରାଜଗୁରୁ)ଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ପାଇକ ବିପ୍ଳବ । ସମୟକ୍ରମେ ମହାନ୍ ପାଇକବୀର – ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର, ପିଣ୍ଡିକି ବାହୁବଳେନ୍ଦ୍ର, ତାପଙ୍ଗ ଦଳବେହେରା ମାଧବଚନ୍ଦ୍ର ରାଉତରାୟ, କୃତିବାସ ପାଟଶାଣୀ, ଚକରା ବିଶୋଇ, ପଞ୍ଚୁ ନାୟକ, ଦିନା ଜାନୀ, ସାଧୁ ଜାନୀ, ଲୋଚନ ବିଶୋଇ, ଚନ୍ଦନ ହଜୁରୀ, କାଳିଆ ମଙ୍ଗରାଜ ସମେତ ଅନେକ ପାଇକବୀରଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ସଂଗଠିତ ହୋଇଥିଲା ପାଇକ ବିଦ୍ରୋହ ; ଯାହା କି ପରବର୍ତ୍ତୀ ସମୟରେ ଦେଶ ସ୍ୱାଧୀନତାର ପ୍ରଥମ ସଂଗ୍ରାମ ରୂପେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ତେବେ ଆଜିର ଯୁଗରେ ଓଡ଼ିଶାର ପାଇକ ବିଦ୍ରୋହର ଅଦମ୍ୟ ସାହସ ଓ ବୀରତ୍ୱକୁ ମନେପକାଇ ଏଇ ପାରମ୍ପରିକ ପାଇକ ଆଖଡ଼ାକୁ ବଞ୍ଚାଇବାର ପ୍ରୟାସ ଜାରିରଖି ଖୋର୍ଦ୍ଧାଗଡ଼ର କେତେଜଣ କଲେଜଛାତ୍ର ଗଢ଼ିଛନ୍ତି– 'କଳିଙ୍ଗ ପାଇକ କ୍ରିଏସନ'। ଏମାନେ ଦେଶ ଓ ରାଜ୍ୟର ବିଭିନ୍ନ ସ୍ଥାନରେ ପାଇକଆଖଡ଼ା ପ୍ରଦର୍ଶନୀ କରି ନିଆରା ପରିଚୟ ସୃଷ୍ଟି କରିବା ସହିତ ରାଜ୍ୟର କଳାସଂସ୍କୃତି ପୁନରୁଦ୍ଧାର ଦିଗରେ ସହାୟକ ହୋଇପାରିଛନ୍ତି।

ଐତିହାସକ ଖୋର୍ଦ୍ଧାଗଡ଼ କଳାସଂସ୍କୃତିର ସ୍ୱତନ୍ତ୍ର ପରିଚୟ ବହନକରେ। ବିଶେଷକରି ଏହି ଅଞ୍ଚଳର ପାରମ୍ପରିକ ପାଇକଆଖଡ଼ାକୁ ଦେଖି ନିଜକୁ ସାମିଲ କରିଛନ୍ତି କେତେଜଣ ଶିକ୍ଷିତଯୁବକ। ଏମାନଙ୍କ ମଧ୍ୟରେ କିଏ ବାଣିଜ୍ୟ ବିଭାଗର ଛାତ୍ର ତ ପୁଣି କିଏ ବ୍ୟବସାୟୀ, କିଏ ଡାକ୍ତରୀ ଛାତ୍ର, କିଏ ସାମ୍ବାଦିକତା, ଇଞ୍ଜିନିୟରିଂ, କ୍ରୀଡ଼ାବିଭାଗରେ ପୁଣି କିଏ ଶିକ୍ଷିକ, କଳାସଂସ୍କୃତିରେ କ୍ୟାରିୟର ଗଢୁଛନ୍ତି ତ କିଏ ଆଇଏଏସ, ଓଏଏସ ଏବଂ ସେନାବାହୀନ ପାଇଁ ପ୍ରସ୍ତୁତି ଚଳାଇଛନ୍ତି।

୨୦୧୫ମସିହାରେ ଆୟୋଜିତ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ପାଇକଆଖଡ଼ା ପ୍ରଦର୍ଶନ ପାଇଁ ଏକ ପ୍ରସ୍ତାବ ଆସିଥିଲା। ତେବେ ପାଇକ ପରମ୍ପରା ଆମ ରାଜ୍ୟର ଗର୍ବ ଓ ଗୌରବ ମନେକରି ସେଦିନ ପ୍ରାୟ ଆଠ/ଦଶ ଜଣ କଲେଜ ଛାତ୍ର ଏହି ପାରମ୍ପରିକ ପାଇକ ଆଖଡ଼ା ଶିଖିବା ପାଇଁ ଅଣ୍ଟା ଭିଡ଼ିଥିଲେ। ସେମାନଙ୍କ ମଧ୍ୟରେ ରିଣ୍ଟୁ ଜେନା, ଜ୍ଞାନ ସେଠୀ, ରାଜେଶ ବେହେରା, ଶ୍ରୀକାନ୍ତ ବେହେରା, ଗୋପବନ୍ଧୁ ଜେନା, ଆଶିଷ ମହାନ୍ତି, ଓମ୍ ପ୍ରିୟଦର୍ଶୀ ଛୋଟରାୟ, ଦେବାଶିଷ ବେହେରା, ପାପୁନି ବିଶ୍ୱାଳ, ଅମିତ୍ ସେଠୀ ଓ ବାଦ୍ୟକାର କାହ୍ନୁ ମଲ୍ଲିକ ପ୍ରମୁଖ ସେବେଠାରୁ ଆଉ ପଛକୁ ନ ଚାହିଁ ଆଗକୁ ଆଗକୁ ମାଡ଼ିଚାଲିଛନ୍ତି । ପ୍ରଥମେ ଖୋର୍ଦ୍ଧାର ମା' ବରୁଣେଇଙ୍କ ପୀଠରେ ରଜଉତ୍ସବ ମଞ୍ଚରେ ପାଇକଆଖଡ଼ା ସମରକଳାକୁ ପ୍ରଦର୍ଶନ କରି ଖୁବ୍ ପ୍ରଶଂସିତ ହୋଇଥିଲେ। ଏହାପରେ ଏକ ବୈଠକ କରି ଅନୁଷ୍ଠାନର ନାଁ 'କଳିଙ୍ଗ ପାଇକ କ୍ରିଏସନ' ଦେଇଛନ୍ତି। ଏହି ଅନୁଷ୍ଠାନର ମୁଖ୍ୟ ଦୁର୍ଗାପ୍ରସାଦ ବାରିକ କୁହନ୍ତି, କୌଣସି ସ୍ଥାନରେ ଖେଳ ପାଇଁ ଯେତେବେଳ ସୂଚନା ଆସେ, ପ୍ରଦର୍ଶନର ଦୁଇଦିନ ପୂର୍ବରୁ ଅନୁଷ୍ଠାନର ସଦସ୍ୟମାନେ ଏକାଠି ହେଉ । ବାଦ୍ୟକାର ବି ଆସନ୍ତି। ଏଥିରେ ଆମେ ବିଭିନ୍ନ ପ୍ରକାରର ପାରମ୍ପରିକ ଖେଳକୁ ଅଭ୍ୟାସ କରିଥାଉ। ଯେପରି ପାଇକ ବୋଲି ବା କୁହାଟ, ଭୂମିଘର, ପଟ୍ଟାଖେଳ, ବାଡ଼ିଖେଳ, ତଲ୍‌ୱାର ବୁଲାଇବା, ମୁଦ୍‌ଗର ଉଠାଇବା, ପଥର ଟେକା, ବନାଟି ବୁଲାଇବା, ଧୂପ, କାତି, ଖଣ୍ଡା, ଢାଲ, ଫାର୍ସା ଘୂରାଇବା, ଶଗଡ଼ ଚକା ବୁଲେଇବା, ଛୁରା ମରା, କୁସ୍ତି, ମଲ୍ଲଯୁଦ୍ଧ, ବାଘଚାଲି, ବୀରଠାଣି, ଘୋଡ଼ାଚାଲି, କୁନ୍ତ ଭୁସା, ଶୂନ୍ୟମରା, ଦୁର୍ଗ ନିରୀକ୍ଷଣ, ପୀରାମିଡ଼, ଗଛ ପୀରାମିଡ଼ ଇତ୍ୟାଦି ସମରକଳାକୁ ଅଭ୍ୟାସ କରିଥାଉ। ମଞ୍ଚକୁ ଯିବା ପୂର୍ବରୁ ପାରମ୍ପରିକ ପାଇକ ପୋଷାକପତ୍ର ଭାବେ ଧୋତି, ଗାମୁଛା, ସାଞ୍ଜୁ, ବାଜୁ, ହାତଖଡ଼ୁ, ଘୁଙ୍ଗୁର, ପଗଡ଼ି, କବଚ ପରିଧାନ କରି ମଥାରେ ଦେବୀଙ୍କ ସିନ୍ଦୂର ଲଗାଇଥାଉ। ପାରମ୍ପରିକ ଅସ୍ତ୍ରଶସ୍ତ୍ର ଓ ବୀରବାଦ୍ୟକୁ ଫୁଲ ଧୂପଦେଇ ପୂଜା କରିଥାଉ। ଗୁରୁଙ୍କୁ ପ୍ରଣାମ କରିବା ସହିତ ମା' ବରୁଣେଇଙ୍କୁ ସ୍ମରଣକରି ମଞ୍ଚରେ ବୀରବାଦ୍ୟର ତାଳେ ତାଳେ ପାଇକଆଖଡା ପ୍ରଦର୍ଶନ କରିଥାଉ। ଏହାଦ୍ୱାରା ମନରେ ବୀରଭାବ ସୃଷ୍ଟି ହୋଇଥାଏ। ତେବେ ରାଜ୍ୟର ଖୋର୍ଦ୍ଧା ମହୋତ୍ସବ, ଧଉଳି ମହୋତ୍ସବ, କଳାହାଣ୍ଡି ମହୋତ୍ସବ, ବରଗଡ଼ ଧନୁଯାତ୍ରା, ବଲାଙ୍ଗୀର ଲୋକମହୋତ୍ସବ, କୋରାପୁଟ ପରବ, ସୁବର୍ଣ୍ଣପୁର ମହୋତ୍ସବ, ସୁନ୍ଦରଗଡ଼ ଯାତ୍ରାଉତ୍ସବ ଏବଂ ଭୁବନେଶ୍ୱର, କଟକ, ପୁରୀ, ଖୋର୍ଦ୍ଧା ଅଞ୍ଚଳରେ ଆୟୋଜିତ ଅନେକ ଉତ୍ସବରେ ପାଇକ ଆଖଡ଼ା ଦେଖାଇଛୁ। ଏପରି କି ରାଜ୍ୟ ବାହାରେ ତଥା ସୁରଟ, ଗୁଜରାଟର ଅହମ୍ମଦାବାଦ, ଚେନ୍ନାଇ, ମୁମ୍ବାଇ, କୋଲକାତା, ଦିଲ୍ଲୀ, ହିମାଚଳପ୍ରଦେଶ, ପଞ୍ଜାବ, ଆସାମ, ମଣିପୁର ଓ ବିଶାଖାପାଟଣା ଆଦି ପ୍ରାୟ ଶତାଧିକ ସ୍ଥାନରେ ପାରମ୍ପରିକ ପାଇକଆଖଡ଼ାକୁ ପ୍ରଦର୍ଶନ କରିପାରିଛୁ। ସେହିପରି ଖଣ୍ଡପଡ଼ା ମହୋତ୍ସବରେ– ବୀରପୁତ୍ର ସମ୍ମାନ, ଖୋର୍ଦ୍ଧା ପାଇକବିଦ୍ରୋହ ୨ଶହ ବର୍ଷ ପୂର୍ତ୍ତିରେ ପାଇକସର୍ଦ୍ଦାର, ଓଡ଼ିଶାପର୍ବ ନୂଆଦିଲ୍ଲୀରେ– ଉତ୍କଳ ଗୌରବ ସମ୍ମାନ, ଶ୍ରୀକ୍ଷେତ୍ର ଉତ୍ସବ ପୁରୀରେ ବକ୍‌ସି ସମ୍ମାନ, ମୁମ୍ବାଇ ଛତ୍ରପତି ଶିବାଜୀ ଜୟନ୍ତୀରେ ଛତ୍ରପତି ଶିବାଜୀ ସମ୍ମାନ, ନାଲ୍‌କୋ ଭୁବନେଶ୍ୱର ତରଫରୁ ସମ୍ମାନ ମିଳିଛି। ମଣିପୁରରେ ଆୟୋଜିତ ସର୍ବଭାରତୀୟ ସମରକଳାରେ ମଧ୍ୟ ପୁରସ୍କୃତ ହୋଇପାରିଛୁ। ଓଡ଼ିଶାର ଏହି ପାରମ୍ପରିକ ପାଇକ ଆଖଡ଼ା ସମର କଳାକୁ ଦେଶ ବିଦେଶରେ ପ୍ରଚାର ପ୍ରସାର କରିବାର ପ୍ରୟାସ ଜାରିରଖିଛୁ। ସରକାରୀ ସ୍ତରରେ ଏଥିପାଇଁ ସ୍ୱତନ୍ତ୍ର ଭାବେ ପାଇକ ଆଖଡ଼ା ମହୋତ୍ସବର ଆୟୋଜନ କରାଯିବା ସହିତ ଏହି ପାଇକଆଖଡ଼ାରେ ସାମିଲ ହେଉଥିବା ପ୍ରତିଭାବାନ ପୁଅ ଓ ଝିଅଙ୍କ ଦକ୍ଷତା ଏବଂ ଯୋଗ୍ୟତାକୁ ଭିତ୍ତିକରି ସରକାରୀ କ୍ଷେତ୍ରରେ ନିଯୁକ୍ତି ମିଳିଲେ ଏହାର ଅଧିକ ଲୋକପ୍ରିୟତା ବଢ଼ିବା ସହିତ ବହୁସଂଖ୍ୟାରେ ଯୁବତୀଯୁବକମାନେ ସାମିଲ ହୋଇପାରିବେ।

–ବନବିହାରୀ ବେହେରା





## ବ୍ୟାକ୍ ପେଜ୍



# ବେଣୀ ପାଇଁ...

କେଶସଜ୍ଜା ନାରୀ ଶୃଙ୍ଗାରର ଏକ ମୁଖ୍ୟ ଅଂଶ। ବିଭିନ୍ନ ପ୍ରକାରର କେଶସଜ୍ଜା ମଧ୍ୟରେ ବେଣୀର ଫ୍ୟାଶନ ବହୁ ପୁରାତନ କାଳରୁ ଚାଲି ଆସିଛି। ତେବେ ଆଜିକାଲି ବେଣୀକୁ ଟିକେ ମଡର୍ନ ଲୁକ୍ ଦେବା ପାଇଁ ବିଭିନ୍ନ ପ୍ରକାର ବେଣୀ ବାନ୍ଧିବା ଶୈଳୀ ଆରମ୍ଭ ହୋଇଛି। ମାସିଡୋନିଆର ଟ୍ରେଣ୍ଡାଫିଲ୍କା କିରୋଭା ନାମ୍ନୀ ଜଣେ ମହିଳା ମଧ୍ୟ ନିଜସ୍ୱ ଉଦ୍ୟମରେ କରୁଛନ୍ତି ବିଭିନ୍ନ ପ୍ରକାରର ବେଣୀ। ତାଙ୍କ ବେଣୀ ବାନ୍ଧିବା ଶୈଳୀ ବେଶ୍ ଭିନ୍ନ ଓ ଆକର୍ଷକ। ଲାଗେ ସତେଯେମିତି ପରୀ ରାଇଜର ରାଜକୁମାରୀଙ୍କ କେଶରେ ହୋଇଥିବା ସୁନ୍ଦର କେଶସଜ୍ଜା ଭଳି। ତେବେ ଏଥିପାଇଁ ସେ କେଉଁଠାରୁ ତାଲିମ ନେଇ ନାହାନ୍ତି। ବରଂ ସେ ଗର୍ଭବତୀ ଥିବାବେଳେ ବେଣୀ ନିଜେ ନିଜେ କରିବା ଆରମ୍ଭ କରିଥିଲେ। ଇଣ୍ଟରନେଟ୍‌ରୁ ବିଭିନ୍ନ ଟ୍ୟୁଟୋରିଆଲ ସର୍ଚ୍ଚ କରି ଦେଖି ଜଟିଳରୁ ଅତି ଜଟିଳ ବେଣୀ ମଧ୍ୟ କରିବା ଶିଖିଲେ। ଏବେ ସେ ନିଜସ୍ୱ ଶୈଳୀରେ ବିଭିନ୍ନ ପ୍ରକାରର ସୁନ୍ଦର ବେଣୀ କରିପାରୁଛନ୍ତି। ଏହି ନିଶାକୁ ସେ ନିଜର ପେସା କରିବା ଲାଗି ପୂର୍ବରୁ କରୁଥିବା ଆକାଉଟାଣ୍ଟ ଚାକିରି ଛାଡିଦେଇଛନ୍ତି। ଆଉ ପାଲଟିଯାଇଛନ୍ତି ଜଣେ ହେୟାର୍‌ଷ୍ଟାଇଲିଷ୍ଟ। କିରୋଭା କହନ୍ତି, 'ବିଭିନ୍ନ ପ୍ରକାର ବେଣୀ କରିବାରେ ମତେ ଆନନ୍ଦ ମିଳେ। ଏଥିରୁ ମନକୁ ଶାନ୍ତି ବି ମିଳିଥାଏ।' କିରୋଭା ନିଜ ଷ୍ଟୁଡିଓରେ ମାନେକୁଇନ୍‌ଙ୍କ ୱିଗ୍‌ରେ ବିଭିନ୍ନ ପ୍ରକାରର ବେଣୀ କରି ଇନଷ୍ଟାଗ୍ରାମ୍‌ରେ ଫଟୋ ଶେୟାର କରିଥାଆନ୍ତି। ଯାହାକୁ ଲୋକେ ବହୁତ ପସନ୍ଦ କରୁଛନ୍ତି। ତାଙ୍କର ଏକ ୟୁଟ୍ୟୁବ ଚ୍ୟାନେଲ ମଧ୍ୟ ଅଛି, ଯେଉଁଥିରେ ସେ ବେଣୀ କରିବାର ବିଭିନ୍ନ ଶୈଳୀ ଶିଖାନ୍ତି।

# ବିପଦସଙ୍କୁଳ ବିବାହ

ବିବାହ, ମଣିଷ ଜୀବନର ଏକ ବିଶେଷ ମୁହୂର୍ତ୍ତ। ସେଥିପାଇଁ ଏହାକୁ ଖାସ୍ କରିବାକୁ ସମସ୍ତେ ଚାହାନ୍ତି। ଆଉ ବିଭିନ୍ନ ଉପାୟ ଆପଣାନ୍ତି ଯେମିତିକି ବିବାହର ପ୍ରତିଟି ମୁହୂର୍ତ୍ତ ଅପାସୋରା ହୋଇ ରହିଯିବ। ବେଳେ ବେଳେ କିଛି ଭିନ୍ନ କରିବା ଝୁଙ୍କ୍‌ରେ କେତେଜଣ ବିପଜ୍ଜନକ ଉପାୟରେ ବିବାହ କରିବାକୁ ବି ପଛାନ୍ତି ନାହିଁ। ଯେମିତିକି ପୂର୍ବ ଜର୍ମାନୀର ଦମ୍ପତି ନିକୋଲ ବ୍ୟାକହସ୍ ଓ ଜେନ୍ସ ନୋର୍ ଏଭଳି ଉପାୟରେ ବିବାହ କଲେ ଯେ, ସମସ୍ତେ ହତବାକ୍ ହୋଇଗଲେ। ବହୁ ଉଚ୍ଚରେ ବନ୍ଧାଯାଇଥିବା ଏକ ଟାଇଟ୍ ରୋପ୍ ଉପରେ ଜଣେ ବ୍ୟକ୍ତି ମୋଟର ସାଇକେଲ ଚଳାଇ ଦଉଡିର ମଝି ଭାଗରେ ସନ୍ତୁଳନ ରକ୍ଷାକରି ସ୍ଥିର ରହିଲେ। ସେଇ ମୋଟର ସାଇକେଲର ଚକ ସହ ଏକ ଦୋଳି ସଂଯୁକ୍ତ ହୋଇଥିଲା। ଯାହା ତଳକୁ ଝୁଲି ରହିଥିଲା। ସେହି ଦୋଳିର ଦୁଇ ମୁଣ୍ଡରେ ଦମ୍ପତି ବସିଲେ। ଦମକଳ ବାହିନୀର ଶିଡିରେ ଚଢ଼ି ପାଦ୍ରୀ ଦମ୍ପତି ଝୁଲି ରହିଥିବା ଉଚ୍ଚତାକୁ ଯାଇ ବିବାହ କାର୍ଯ୍ୟ ସମ୍ପନ୍ନ କଲେ। ଏହାପରେ ତଳକୁ ଓହ୍ଲାଇ ଦମ୍ପତି ପରସ୍ପରକୁ ବିବାହ ଚୁମ୍ବନ ଦେଇଥିଲେ। ସେଦିନ ୩୦୦୦ରୁ ଊର୍ଦ୍ଧ୍ୱ ଲୋକ ଏହି ଅଜବ ଓ ବିପଜ୍ଜନକ ବିବାହରେ ଉପସ୍ଥିତ ଥିଲେ।







# ସ୍ତ୍ରୀଙ୍କ ପାଇଁ ଉଦ୍ଭାବନ

ମହମ୍ମଦ ସୟିଦୁଲ୍ଲାଙ୍କ ଜନ୍ମ ବିହାର ମୋତିହରି ଜିଲାର ଏକ ଗାଁରେ। ଛୋଟିଆ ଗାଁରେ ଜନ୍ମ ହୋଇଥିବାରୁ ଦଶମ ଶ୍ରେଣୀ ପଢ଼ିବା ପରେ ପଢ଼ାରେ ଡୋରି ବନ୍ଧା ହୋଇଯାଇଥିଲା। ଅଳ୍ପ ପଢିଥିଲେ ହେଁ, ମହମ୍ମଦ ହେଉଛନ୍ତି ବେଶ୍ ସୃଜନଶୀଳ। ଆଉ ଉଦ୍ଭାବନ କରିଛନ୍ତି ଅନେକ ଅତ୍ୟାବଶକ ଜିନିଷ। ଏଥିପାଇଁ ସେ ନିଜର ୪୦ ଏକର ଜମିକୁ ବି ବିକ୍ରି କରିଦେଇଛନ୍ତି। ୧୯୬୦ରେ ସେ ନୁର ଜହାନଙ୍କୁ ବିବାହ କରିଥିଲେ। ସେ ନିଜ ପତ୍ନୀଙ୍କୁ ଏତେ ଭଲ ପାଆନ୍ତି ଯେ, ନିଜର ସବୁ ଉଦ୍ଭାବନର ନାମ ତାଙ୍କରି ନାମାନୁସାରେ କରିଛନ୍ତି। ଯେମିତିକି 'ନୁର୍ ବାଇସାଇକେଲ୍', 'ନୁର୍ ରାହତ୍ ଇଲେକ୍ଟ୍ରିକ୍ ପାୱାର ହାଉସ୍', 'ନୁର୍ ୱାଟରପମ୍ପ' ଆଦି। କେବଳ ଯେ, ସେ ନିଜର ଉଦ୍ଭାବନକୁ ତାଙ୍କ ନାମରେ ନାମିତ କରିଛନ୍ତି ତାହା ନୁହେଁ, ଏକ ଉଦ୍ଭାବନ ତ ଖାସ୍ ତାଙ୍କ ପାଇଁ କରିଛନ୍ତି। ଘଟଣାଟି ଏମିତି– ମହମ୍ମଦଙ୍କ ଗାଁକୁ ତଥା ଘରକୁ ଯିବା ଲାଗି ଏକ ନଦୀ ପାର୍ ହେବାକୁ ହୁଏ। କିନ୍ତୁ ସବୁବେଳେ ନଦୀ ପାର୍ ହେବା ପାଇଁ ଥିବା ଡଙ୍ଗା ଲୋକରେ ଭର୍ତ୍ତି ହୋଇଯାଏ। ତେଣୁ ତାଙ୍କୁ ଘରକୁ ଯିବା ତଥା ପତ୍ନୀଙ୍କ ସହ ଦେଖା କରିବାରେ ବହୁତ ବିଳମ୍ବ ହୋଇଯାଏ। ଏହି ସମସ୍ୟାର ସମାଧାନ କରିବା ଲାଗି ସେ ତିଆରି କଲେ ଏକ ଆମ୍ଫିବିଓସ୍ ବାଇସାଇକେଲ୍, ଯାହାକି ମାଟିରେ ଚାଲି ପାରିବା ସହ ପାଣିରେ ବି ଚାଲିପାରେ। ଏହି ଖାସ୍ ଉଦ୍ଭାବନ ଦ୍ୱାରା ଏବେ ସେ ଖୁବ୍ ଶୀଘ୍ର ନଦୀ ପାର୍ ହୋଇ ଘରକୁ ଯାଇପାରୁଛନ୍ତି। ଏହାବାଦ୍ ବି ସେ ଅନେକ ଉଦ୍ଭାବନ କରିଛନ୍ତି। ତେଣୁ ସ୍ଥାନୀୟ ଅଧିବାସୀ ତାଙ୍କ ବୈଜ୍ଞାନିକ ବୋଲି ବି କହନ୍ତି।